୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.184 Bhubaneswar Wednesday August 28 2024 | ୨୬ତମ ବର୍ଷ | ସଂଖ୍ୟା–୧୮୪ ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ୧୨, ମ୍ୟାଜିକ ନମ୍ବର ହାସଲ କଲା ଏନଡିଏ

ଭୁବନେଶ୍ୱର, ୨୭।୮ (ପି.ଏନ): ସଂସଦର ଉଚ୍ଚ ସଦନ ଅର୍ଥାତ ରାଜ୍ୟସଭାକୁ ଆଜି ୧୨ ଜଣ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହା ମଧ୍ୟରେ ବିଜେପିର ୯ ଜଣ ଓ ଆଉ ୨ ଜଣ ସଦସ୍ୟ ସହଯୋଗୀ ଦଳରୁ ରାଜ୍ୟସଭାର ସାଂସଦ ହୋଇଛନ୍ତି। ୧୧ ରାଜ୍ୟସଭା ଆସନ ହାସଲ କରିବା ପରେ ରାଜ୍ୟସଭାରେ କୌଣସି ବିଲ୍ ପାସ୍ କରାଇବା ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ଏବେ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ହୋଇଯାଇଛି। ଆଜି ବିଜେପି ଟିକେଟରୁ ୯ ଜଣ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ଯିବା ପରେ ଉଚ୍ଚ ସଦନରେ ଦଳର ସଦସ୍ୟ ସଂଖ୍ୟା ୯୬ରେ ପହଞ୍ଚିଛି। ସେହିପରି ଏନଡିଏର ରାଜ୍ୟସଭା ସାଂସଦଙ୍କ ସଂଖ୍ୟା ୧୧୨ ଛୁଇଁଛି। ଆଜି ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ



ଯାଉଥିବା ୧୨ ଜଣଙ୍କ ମଧ୍ୟରୁ ୯ ଜଣ ବିଜେପିର, ଅଜିତ ପାୱାରଙ୍କ ଏନସିପି ଓ ଏନଡିଏ ମେଣ୍ଟରେ ଥିବା ରାଷ୍ଟ୍ରୀୟ ଲୋକ ମଞ୍ଚର ଜଣେ ଲେଖାଏ ସଦସ୍ୟ ଓ କଂଗ୍ରେସରୁ ଅଭିଷେକ ମନୁ ସଙ୍ଘଭୀ ରହିଛନ୍ତି। ଏହି ଗୋଟିଏ ଆସନ ପରେ ରାଜ୍ୟସଭାରେ ବିରୋଧୀ ସଦସ୍ୟଙ୍କ ସଂଖ୍ୟା ୮୫କୁ ବଢ଼ିଛି।

## ମମତା ମହାନ୍ତ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ

ଭୁବନେଶ୍ୱର, ୨୭।୮ (ପିଏନ): ରାଜ୍ୟସଭା ସାଂସଦ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବିଜେପି ନେତା ମମତା ମହାନ୍ତ। ଅନ୍ୟତମ ବିଜେପି ନେତା ଜଗନ୍ନାଥ ପ୍ରଧାନ ରାଜ୍ୟସଭା ନିର୍ବାଚନରୁ ଓହରିଯିବା ପରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ମମତା। ରାଜ୍ୟସଭା ନିର୍ବାଚନ ରିଟର୍ଣ୍ଣିଂ ଅଫିସରଙ୍କଠାରୁ ସେ ତାଙ୍କ ସାର୍ଟିଫିକେଟ ଗ୍ରହଣ କରିଛନ୍ତି।



## ନିମ୍ନମାନର କାର୍ଯ୍ୟ ପାଇଁ ସେତୁରୁ ଉଠିଗଲାଣି ଢଳେଇ;ଘଟୁଛି ଦୁର୍ଘଟଣା

ଜେନାପୁର, ୨୭।୮ (ପି.ଏନ) : ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର - ଜାବରା ସେତୁରେ କଂକ୍ରିଟ୍ ଉଠିବା ଯୋଗୁଁ ଦୁର୍ଘଟଣାରେ ସୀକାର ହେଉଛି ସ୍ଥାନୀୟ ଅଞ୍ଚଳବାସୀ । ଏହି ଜେନାପୁର - ଜାବରା ସେତୁରେ ନୈନ୍ଦିନ ବାଣିଜ୍ୟ କାରବାର ସ୍କୁଲ୍, କଲେଜ, ଡାକ୍ତରଖାନା, ରେଳ ଷ୍ଟେସନ୍ ଗମନାଗମନ ପାଇଁ ରସୁଲପୁର, କୋରେଇ ବ୍ଲକ୍ ଓ ଯାଜପୁର ପୌରାଞ୍ଚଳ ଅନେକ ସ୍ଥାନୀୟ ଅଞ୍ଚଳବାସୀ ଯାତାୟତ ପାଇଁ ନିର୍ଭର କରିଥା'ନ୍ତି । ଏହି ସେତୁ ଉପରେ ପ୍ରତିଦିନ ହଜାରରୁ ଅଧିକ ଲୋକ ଯାତାୟତ କରିଥା'ନ୍ତି । କିଛିଦିନ ହେବ ଦେଖିବାକୁ ମିଳିଛି ସେତୁ ଉପରେ ଜଏଣ୍ଟ ପ୍ଲେଟ୍ ଉପର କଂକ୍ରିଟ ଉଠି ଲୁହା ରଡ଼ ଦେଖାଯାଉଛି । ଯାହା ଫଳରେ ଯିବା ଆସିବା ସମୟରେ ଛୋଟ ମୋଟ ଦୁର୍ଘଟଣା ଘଟି ଅନେକ ଧନଜୀବନ କ୍ଷତି ହେବାର ନଜିର୍ ରହିଛି । ସେତୁରେ ଷ୍ଟାଇଟ୍ ସ୍ଥାୟିତ୍ୱ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହେଲାଣି । ଏଠାରେ ଦୈନିକ ସେତୁର ମଧ୍ୟଭାଗରେ ଥିବା ଜଏଣ୍ଟ ସ୍ଥାନରେ କଂକ୍ରିଟ ଉଠିଯାଇଥିବାରୁ ବର୍ଷା ପାଣିରେ ତାହା ଜଣାପଡୁ ନାହିଁ। ଫଳରେ ଉକ୍ତ ସ୍ଥାନରେ ଫାଙ୍କାକୁ ବାଇକ୍ ଆରୋହୀ ଜାଣିପାରୁ ନାହାଁନ୍ତି। ଗାଡ଼ି ଚାଳକ ଅଧିକାଂଶ ସମୟରେ ଏହି ସ୍ଥାନରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଲୁହା ରଡ୍ ଦେଖାଯାଉଥିବା ସ୍ଥାନରେ ବାଇକ୍ ଚକା ପଡ଼ିଯିବା ଯୋଗୁଁ ଚକା ପଙ୍କଚର ହୋଇଯାଉଛି। ଏ ନେଇ ବିଭାଗୀୟ ଅଧିକାରୀ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି । ଫଳରେ ଜନଜୀବନ ପ୍ରଭାବିତ ହେଉଛି। ସେତୁରେ ନିର୍ମାଣ ଜନିତ ତ୍ରୁଟି କାରଣରୁ ଏହାର ଅଧିକାଂଶ ସ୍ଥାନରେ ବର୍ଷା ପାଣି ଜମି ରହୁଛି । ଏଠାରେ ମଧ୍ୟ ଅଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି ଓ ଏଠାରେ ଲାଇଟ ଲଗାଇବାକୁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। କିନ୍ତୁ ବିଭାଗୀୟ ଅଧିକାରୀ ଏହାକୁ କର୍ଣ୍ଣପାତ କରୁନାହାଁନ୍ତି। ଯାହାକୁ ନେଇ ପ୍ରବଳ ଜନ ଅସନ୍ତୋଷ ଅଞ୍ଚଳରେ ଦେଖା ଦେଇଛି । ତୁରନ୍ତ ସେତୁର ସୁରକ୍ଷା ପାଇଁ ମରାମତି କରିବା ସହିତ ଆଲୋକୀକରଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ବଡ ଘୋଷଣା; ୧୮ ହଜାର କନିଷ୍ଠ ଶିକ୍ଷକଙ୍କ ମିଳିବ ନିଯୁକ୍ତି: ଆୟୋଜନ ହେବ ନିଯୁକ୍ତି ମେଳା

ଭୁବନେଶ୍ୱର, ୨୭।୮ (ପି.ଏନ): ଶିକ୍ଷା କ୍ଷେତ୍ରରେ କ୍ୟାରିୟର ଗଢିବା ପାଇଁ ଇଚ୍ଛା ରଖିଥିବା ଯୁବପିଢୀଙ୍କ ପାଇଁ ଖୁସି ଖବର ଆଣିଛନ୍ତି ରାଜ୍ୟ ସରକାର । ଓଡିଶା ସରକାରଙ୍କ ତରଫରୁ ଖୁବଶୀଘ୍ର ଆୟୋଜନ ହେବାକୁ ଯାଉଛି ନିଯୁକ୍ତି ମେଳା । ରାଜ୍ୟରୁ ବେକାରୀ ସମସ୍ୟା ହଟାଇବା ସହ ସମସ୍ତ ସ୍କୁଲରେ ଯଥେଷ୍ଟ ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ନିୟୋଜିତ କରାଇବା ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି ମୁଖ୍ୟମନ୍ତ୍ରୀ । ଏହି ନିଯୁକ୍ତି ମେଳା ଜରିଆରେ କନିଷ୍ଠ ଶିକ୍ଷକମାନଙ୍କୁ ସରକାର ନିଯୁକ୍ତି ପତ୍ର ବଣ୍ଟନ କରିବେ । ପ୍ରଥମ ପର୍ଯ୍ୟାୟରେ ୨୧ ହଜାର ନିଯୁକ୍ତି ପତ୍ର ବଣ୍ଟାଯିବ ବୋଲି ଜାଣିବାକୁ ମିଳିଛି । ଏହାମଧ୍ୟରେ ୧୮ ହଜାର କନିଷ୍ଠ ଶିକ୍ଷକଙ୍କ ମଧ୍ୟ ନିଯୁକ୍ତି ଦିଆଯିବ । ନିଯୁକ୍ତି ମେଳା ଜରିଆରେ ଏମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ ରାଜ୍ୟ ସରକାର । ବିଭିନ୍ନ ବିଭାଗରେ ଖାଲି ପଡିଥିବା ସ୍ଥାନକୁ ପୂରଣ କରିବା ପାଇଁ ବିକାଶଭିମୁଖୀ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର ।

## କଙ୍ଗନାଙ୍କ ବିବାଦୀୟ ଟିପ୍ପଣୀରୁ ବିଜେପି ନିଜକୁ ଦୂରେଇ ନେଲା

ନୂଆଦିଲ୍ଲୀ, ୨୭।୮ (ପି.ଏନ): ମଣ୍ଡି ସାଂସଦ କଙ୍ଗନା ରାଣାଓ୍ୱତଙ୍କ ବିବାଦୀୟ ବୟାନ ପାଇଁ ବିଜେପି ଆଜି ତାଙ୍କୁ କଡା ଭର୍ତ୍ସନା କରିଛି। ବିଜେପି କହିଛି କଙ୍ଗନା ଚାଷୀ ଆନ୍ଦୋଳନ ପ୍ରସଙ୍ଗରେ ଯେଉଁ ଟିପ୍ପଣୀ ରଖିଛନ୍ତି ତାହା ତାଙ୍କର ନିଜସ୍ୱ ମତ । ଏହା ଦଳୀୟ ମତ ନୁହେଁ। କଙ୍ଗନାଙ୍କ ଟିପ୍ପଣୀରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ବିଜେପି ଏକ ବିବୃତି ଜାରି କରି କହିଛି, ଦଳର ନୀତି ସଂକ୍ରାନ୍ତରେ କୌଣସି ଟିପ୍ପଣୀ ରଖିବାପାଇଁ କଙ୍ଗନାଙ୍କୁ ଅନୁମତି ମିଳିନାହିଁ କି ଦଳର ନୀତି ସଂକ୍ରାନ୍ତରେ ଟିପ୍ପଣୀ ରଖିବାପାଇଁ ସେ ଜଣେ ଅଧିକୃତ ବ୍ୟକ୍ତି ନୁହନ୍ତି।

## ୧୧ଦିନ ପରେ ପୁଣି ବିଜେଡିକୁ ଫେରିଲେ ବରୀ ପଂଚାୟତ ସମିତି ଅଧ୍ୟକ୍ଷ

ଭୁବନେଶ୍ୱର, ୨୭।୮ (ପି.ଏନ): ମାତ୍ର ୧୧ଦିନ ପୂର୍ବରୁ ନିଜର ସମର୍ଥକମାନଙ୍କ ସହ ବିଜେପିରେ ସାମିଲ ହୋଇଥିବା ବରୀ ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ଗେଡି ଆଜି ପୁଣିଥରେ ବିଜେଡିକୁ ଫେରିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ସେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି । ବରୀ ବ୍ଲକର ବିକାଶ ପାଇଁ ବିଜେପି ଉପରେ ଯେଉଁ ଭରସା କରିଥିଲି, ତାହା ୧୧ଦିନ ମଧ୍ୟରେ ଅନୁଭବ କରିପାରିଲି ନାହିଁ ବୋଲି ଶ୍ରୀ ଗେଡି ଅଭିଯୋଗ କରିଛନ୍ତି ।ଆଜି ଶଙ୍ଖ ଭବନରେ ଯାଜପୁର ଜିଲ୍ଲାର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ବରୀ



ବିଧାୟକ ବିଶ୍ୱରଞ୍ଜନ ଦାସ, ବରିଷ୍ଠ ନେତା ପ୍ରତାପ ଜେନା, ପ୍ରତାପ ଦେବ ଓ ପ୍ରଣବପ୍ରକାଶ ଦାସଙ୍କ ଉପସ୍ଥିତିରେ ବରୀ ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଗେଡି ଓ ତାଙ୍କ ଟିମ୍ ପୁଣିଥରେ ବିଜେଡିକୁ ଫେରି ଆସିଛନ୍ତି ।

## ହତ୍ୟା ଅଭିଯୁକ୍ତ ଦର୍ଶନଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର ନିର୍ଦ୍ଦେଶ

ଭୁବନେଶ୍ୱର, ୨୭।୮ (ପି.ଏନ); ହତ୍ୟା ମାମଲାରେ ଗିରଫ ଦର୍ଶନଙ୍କ ଅଡୁଆ ବଢ଼ିଛି। ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲରେ ତାଙ୍କୁ ଭିଆଇପି ସୁବିଧା ମିଳୁଥିବା ଫଟୋ ଓ ଭିଡିଓ ଭାଇରାଲ ହେବା ପରେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ମିଳିଛି। ବେଙ୍ଗାଲୁରୁର ଗୋଟିଏ କୋର୍ଟ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ।ଜେଲର ବଗିଚାରେ ଦର୍ଶନ ରାଜକୀୟ ଠାଣିରେ ବସିବା ସହ ସିଗାରେଟ ଓ କଫି ପିଉଥିବା ଫଟୋ ଭାଇରାଲ ହେବା ପରେ କୋର୍ଟ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି। କୋର୍ଟ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ଯେ ଦର୍ଶନଙ୍କୁ ଯଥାଶୀଘ୍ର ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲରୁ ବଲ୍ଲାରି ଜେଲକୁ ପଠାଯାଉ। ତାଙ୍କ ଗର୍ଲଫ୍ରେଣ୍ଡ ତଥା ପାର୍ଟନର ପବିତ୍ରା ଗୌଡା ପୂର୍ବଭଳି ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲରେ ହିଁ ରହିବେ। ଦର୍ଶନଙ୍କୁ କୌଣସି ପ୍ରକାରର ଭିଆଇପି ସୁବିଧା ମିଳି ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି ।ରବିବାର ଦିନ ଏକ ଫଟୋ ଭାଇରାଲ ହୋଇଥିଲା। ଉକ୍ତ ଫଟୋରେ ଜେଲ୍‌ରେ ଥିବା ପାର୍କରେ ଚୌକିରେ ବସିଛନ୍ତି ଦର୍ଶନ। ତାଙ୍କର ଗୋଟିଏ ହାତରେ ଏକ କପ୍ ଥିବା ବେଳେ ଅନ୍ୟ ହାତରେ ରହିଛି ସିଗାରେଟ୍। ତାଙ୍କ ସହିତ ଆଉ ତିନି ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଦୁର୍ଦ୍ଦାନ୍ତ ଅପରାଧୀ ୱିଲସନ ଗାର୍ଡେନ ନାଗା (କଳା ରଙ୍ଗର ଟି-ଶାର୍ଟ ପିନ୍ଧିଛନ୍ତି)। ସେହିପରି ପୂରା ବାମରେ ବସିଥିବା ବ୍ୟକ୍ତି ଜଣଙ୍କ ଦର୍ଶନଙ୍କ ମ୍ୟାନେଜର ହୋଇଥିବାବେଳେ ଅନ୍ୟ ଜଣଙ୍କର ପରିଚୟ ଜଣାପଡିନି।

## ସେମିଳିଗୁଡାରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ

ସେମିଳିଗୁଡା, ୨୭।୮ (ପି.ଏନ) : କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକର ୧୭ ଗୋଟି ଗ୍ରାମ ପଞ୍ଚାୟତର ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଜନ ଶୁଣାଣି ମଙ୍ଗଳବାର ଦିନରେ ସେମିଳିଗୁଡା ବ୍ଲକରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ସମୁଦାୟ ୮୫ ଟି ଅଭିଯୋଗ ପତ୍ର ଗ୍ରହଣ କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏବଂ ମିଶନ ଶକ୍ତି (ଏ ସ୍ ଏ ଚ୍ ଜି) ଗ୍ରୁପ ୧ କୋଟି ୨୨ ଲକ୍ଷ ଚେକ ଦେବା ସହ ଭିନ୍ନକ୍ଷମ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଏବଂ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ପରିଶେଷରେ ୧୭ ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ,ସଭ୍ୟା ମାନେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୃଷ୍ଟିସ୍ୱାଶିନୀ ମୌଲ୍ଲିକ କାର୍ଯ୍ୟର ଅବହେଳା କରୁଥିବା ନେଇ ତାଙ୍କ ବିରୋଧରେ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକାର, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ବ୍ୟକ୍ତିଗତ ଓ ସାମୁହିକ ଅଭିଯୋଗର ବିଚାର କରାଯାଇ ଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ପଞ୍ଚାୟତ ବ୍ଲକ ବିଭାଗର ରାସ୍ତା ଗୁଡିକର ଦୂରବସ୍ଥା ଓ ନୂତନ ରାସ୍ତା ନିର୍ମାଣ, ଅସମ୍ପୂର୍ଣ୍ଣ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ଗୁଡ଼ିକର ନିର୍ମାଣ, ମନରେଗା ଯୋଜନାରେ ଥିବା ଅସୁବିଧା, ପାନୀୟ ଜଳର ସମସ୍ୟା, ବିଗତ ଶିକ୍ଷାବର୍ଷରେ ସମସ୍ତ ଅଭିଯୋଗର ବିଚାର କରି ଉପସ୍ଥିତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ତର୍ଜମା କରିବା ସହ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଥିଲେ। ଜନ ଶୁଣାଣି ଶିବିରରେ ସେମିଳିଗୁଡା ବିଡିଓ ଜଶ୍ମୀନ କୁମାର ପ୍ରଧାନ ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ,ଉପାଧ୍ୟକ୍ଷ ଶିବା ବାଙ୍ଗାରି ସେମିଳିଗୁଡା ଆଇ ଆଇ ସି ସଚ୍ଚିନ୍ଦ୍ରା ପ୍ରଧାନ, ଏବଂ ଜିଲ୍ଲାର ପ୍ରତ୍ୟେକ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବାରର ସବୁ ଯୋଗ୍ୟ ମହିଳାଙ୍କୁ ମିଳିବ 'ସୁଭଦ୍ରା' ଟଙ୍କା: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୮ (ପି.ଏନ): ପରିବାରର ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କୁ ରାଜ୍ୟର ବିଜେପି ସରକାର ନିଜର ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାରେ ବାର୍ଷିକ ୧୦ହଜାର ଟଙ୍କା ଲେଖାଏଁ ହାତପାଣ୍ଠି ଯୋଗାଇ ଦେବ । ଏପରିକି ଗୋଟିଏ ପରିବାରରେ ଯଦି ୩/୪ଜଣ କିମ୍ବା ଯେତେଜଣ ମହିଳା ଥିବେ ସମସ୍ତଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି । ଏହାସହିତ ଗୋଟିଏ ପରିବାରରୁ ଜଣେ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ ବୋଲି ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଛି ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ମଧ୍ୟ ଦୂର ହୋଇଥିବା କୁହାଯାଉଛି ।ଆଜି ବିଧାନସଭାରେ ମହିଳା ଓ ଶିଶୁବିକାଶ ବିଭାଗ, ମିଶନଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ଖର୍ଚ୍ଚଦାବିର ଆଲୋଚନାର ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ଯେ, ସୁଭଦ୍ରା ଯୋଜନା ପାଇଁ ଯେଉଁ ଗାଇଡଲାଇନ୍ ସରକାର ଜାରି କରିଛନ୍ତି ସେହି ଆଧାରରେ ରାଜ୍ୟର ପ୍ରାୟ ୧କୋଟି ୮ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା



ମିଳିବ । ଏହାପରେ ବି ଯଦି କେହି ଯୋଗ୍ୟ ମହିଳା ବାଦ୍ ପଡିବେ ସରକାର ତାଙ୍କୁ ମଧ୍ୟ ଯୋଜନାର ସୁବିଧା ଯୋଗାଇ ଦେବେ । ସୁଭଦ୍ରା ଯୋଜନାରେ ଗୋଟିଏ ପରିବାରରେ ଯେତେ ମହିଳା ଥିଲେ ବି ସେଥିରେ କିଛି ଅସୁବିଧା ନାହିଁ । ୨୧ ବର୍ଷରୁ ଅଧିକ ଓ ୬୦ବର୍ଷରୁ କମ୍ ବୟସର ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ । ଗୋଟିଏ ପରିବାରରେ ଏହି ବୟସର ୩/୪ଜଣ ଅବା ଯେତେଜଣ ଥିଲେ ସମସ୍ତେ ସୁଭଦ୍ରା ଟଙ୍କା ପାଇବେ । ବିଧବା ମହିଳା ଓ ଛାତ୍ରବୃତ୍ତି ପାଉଥିବା କଲେଜ ଝିଅଙ୍କୁ ବି ସୁଭଦ୍ରା ଟଙ୍କା ମିଳିବ ବୋଲି ଶ୍ରୀମତୀ ପରିଡା ସ୍ପଷ୍ଟ କରିଛନ୍ତି । ସୁଭଦ୍ରା କାର୍ଡ ମାଧ୍ୟମରେ ଅନଲାଇନରେ ଏହି ୧୦ହଜାର ଟଙ୍କା ଦୁଇଟି କିସ୍ତିରେ ଯୋଗାଇ ଦିଆଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

## ରାଜ୍ୟସଭା ପାଇଁ ନାମାଙ୍କନ ପ୍ରତ୍ୟାହାର କଲେ ବିଜେପି ନେତା ଜଗନ୍ନାଥ ପ୍ରଧାନ

ଭୁବନେଶ୍ୱର, ୨୭।୮ (ପି.ଏନ): ରାଜ୍ୟସଭା ନିର୍ବାଚନକୁ ନେଇ ସରଗରମ ରହିଛି ବିଭିନ୍ନ ରାଜନୈତିକ ମାହୋଲ । ଏଥିମଧ୍ୟରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ରାଜ୍ୟସଭା ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି । ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ ପାଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି । ସେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଭରିଥିଲେ । ଅଗଷ୍ଟ ୨୧ ତାରିଖରେ ସେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଭରିଥିଲେ । ୧୦ ଜଣ ବିଜେପି ନେତା ପ୍ରସ୍ତାବକ ଭାବେ ନାମାଙ୍କନ ଭରିବା ସମୟରେ ଉପସ୍ଥିତ ଥିଲେ ।କହିରଖୁଛୁ ରାଜ୍ୟସଭା ପ୍ରାର୍ଥୀ ପାଇ ବିଜେପି ମମତା ମହାନ୍ତଙ୍କ ନାଁ ଘୋଷଣା କରିଥିଲେ । ଏହା ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟ ସିଂ ତୋମାରଙ୍କ ସମେତ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ମମତା ନାମାଙ୍କନ ଦାଖଲ କରିଥିଲେ । ଏହାର କିଛି ସମୟ ପରେ ଦ୍ୱିତୀୟ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଭରିଥିଲେ ଜଗନ୍ନାଥ ପ୍ରଧାନ ।

## ଅଶାନ୍ତ ବେଙ୍ଗଲରେ ବନ୍ଦ ଡାକରା ଦେଲା ବିଜେପି, ଦିଦିଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୨୭।୮ (ପି.ଏନ): ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଅଶାନ୍ତ ହୋଇ ପଡିଥିବା ପଶ୍ଚିମବଙ୍ଗରେ ବନ୍ଦ ଡାକରା ଦେଇଛି ବିଜେପି। ଆସନ୍ତାକାଲି ଦଳ ପକ୍ଷରୁ ପୂରା ବେଙ୍ଗଲରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ। ସକାଳ ୬ଟାରୁ ସନ୍ଧ୍ୟା ୬ ଟା ଯାଏ ବନ୍ଦ ପାଳନ ହେବ ବୋଲି ଆଜି ବେଙ୍ଗଲ ବିଜେପି ମୁଖ୍ୟ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି ।ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ଆଜି ମମତା ବାନାର୍ଜୀଙ୍କ ଇସ୍ତଫା ଦାବିରେ ଚାଲିଥିବା ନବାନ୍ନ ଅଭିଯାନ ରାଲିରେ ବ୍ୟାପକ ହିଂସାକାଣ୍ଡ ଦେଖିବାକୁ ମିଳିଛି। ପୁଲିସ୍ ଓ ବିକ୍ଷୋଭକାରୀ ବିଭିନ୍ନ



ସ୍ଥାନରେ ମୁହାଁମୁହିଁ ହୋଇଛନ୍ତି। ପୁଲିସ୍ ବିକ୍ଷୋଭକାରୀଙ୍କ ଉପରକୁ ପାଣି ମାଡ କରିବା ସହ କିଛି ସ୍ଥାନରେ ଲାଠିଚାର୍ଜ ମଧ୍ୟ କରିଛି ।ସେମାନେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରି ସଚିବାଳୟ ବା ନବାନ୍ନ ଆଡକୁ ଯାଉଥିବା ବେଳେ ସେମାନଙ୍କ ଉପରେ ଟିଏମସି ସରକାର ଆକ୍ରମଣ କରିଛି। ଏଥିଯୋଗୁ ହିଂସା ଦେଖିବାକୁ ମିଳିଛି ବୋଲି ଅଧିକାରୀ ଅଭିଯୋଗ କରିଛନ୍ତି। ଏଥିସହ ଦିଦିଙ୍କ ଇସ୍ତଫା ଦାବି କରି ଆସନ୍ତାକାଲି ବେଙ୍ଗଲରେ ବନ୍ଦ ପାଳନ ହେବ ବୋଲି ଘୋଷଣା କରିଛନ୍ତି ।ବେଙ୍ଗଲରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଉ ବୋଲି ଶୁଭେନ୍ଦୁ ଅଧିକାରୀ ଦାବି କରି କହିଛନ୍ତି ଯେ ଶିକ୍ଷାର୍ଥୀମାନେ ଆଜି କରିଥିବା ଆନ୍ଦୋଳନ ହିଂସାତ୍ମକ ରୂପ ଧାରଣ କରିବା ପାଇଁ ମମତା ବାନାର୍ଜୀ ଦାୟୀ। ମମତା ବାନାର୍ଜୀ ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସାମିଲ ଲୋକଙ୍କୁ ଘଣ୍ଟଘୋଡଉଛନ୍ତି।

## ଶିବାଜୀଙ୍କ ଷ୍ଟାଚ୍ୟୁ ଭୁଶୁଡିବା ଘଟଣା: ନୌସେନା ମୁଣ୍ଡରେ ଦୋଷ ଲଦିଲେ ଫଡନାଭିସ୍

ଭୁବନେଶ୍ୱର, ୨୭।୮ (ପି.ଏନ): ଦିନକ ତଳେ ୩୫ ଫୁଟ ଉଚ୍ଚ ଛତ୍ରପତି ଶିବାଜୀ ମହାରାଜଙ୍କ ଷ୍ଟାଚ୍ୟୁ ଭୁଶୁଡିବା ଘଟଣାରେ ରାଜନୀତିକ ବୟାନବାଜୀ ଆରମ୍ଭ ହୋଇଛି। ମହାରାଷ୍ଟ୍ରର ସିନ୍ଧୁଦୁର୍ଗରେ ଥିବା ଶିବାଜୀଙ୍କ ପ୍ରତିମୂର୍ତ୍ତି ଭୁଶୁଡିବା ପରେ ବିରୋଧୀ ସରକାରଙ୍କୁ ଘେରିବାରେ ଲାଗିଛନ୍ତି ।ତେବେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ସବୁ ଦୋଷ ଭାରତୀୟ ନୌସେନା ମୁଣ୍ଡରେ ଲଦି ଦେଇଛନ୍ତି। ତାଙ୍କ କହିବା କଥା ଯେ ରାଜକୋଟ ଫୋର୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନାବରଣ କରିଥିବା ଶିବାଜୀ ପ୍ରତିମୂର୍ତ୍ତିର ନିର୍ମାଣ ଦାୟିତ୍ୱ ଭାରତୀୟ ନୌସେନା ନେଇଥିଲା। ଏଥିରେ ରାଜ୍ୟ ସରକାରଙ୍କର କୌଣସି ଭୂମିକା



ନଥିଲା ।ଫଡନାଭିସ କହିଛନ୍ତି ଯେ ରାଜ୍ୟ ସରକାର ଏହା ଠାରୁ ବଡ ଶିବାଜୀ ପ୍ରତିମୂର୍ତ୍ତି ସ୍ଥାପନ କରିବେ। ଗୋଟିଏ ସାମ୍ବାଦିକ ସମ୍ମିଳନରେ ସେ କହିଛନ୍ତି, "ପ୍ରତିମୂର୍ତ୍ତିର ନିର୍ମାଣ କାମ ରାଜ୍ୟ ସରକାର ନୁହନ୍ତି, ବରଂ ଭାରତୀୟ ନୌସେନେ ତଦାରଖ କରୁଥିଲା। ପ୍ରତିମୂର୍ତ୍ତିର ଫ୍ୟାବ୍ରିକେସନ ଓ ପ୍ରତିଷ୍ଠାନ କରିଥିବା ବ୍ୟକ୍ତିବିଶେଷ ସମ୍ଭବତଃ ସ୍ଥାନୀୟ ପାଣିପାଗ ଓ ପରିବେଶକୁ ନଜର ଅନ୍ଦାଜ କରିଥିଲେ।








## ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ର ନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରୁସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରୁସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରୁସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚଳିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

### ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ଚାଚା ନେହେରୁ

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବ ଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତା'ର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମକରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।

'ଆନନ୍ଦ ଭବନ'ରେ ଜବାହାରଲାଲ ଖୁସିରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମେଷ୍ଟ୍ରୀ, ବଟାନି ଓ ଖଣିତତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ, ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ, ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ। ଏକପ୍ରକାର ମୃତ୍ୟୁମୁଖରୁ ରକ୍ଷାପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ, ''ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ''-ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି ? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟିଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳାକୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହେରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାହାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତାଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡାୟାର ସାହେବ ପଂଜାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୋଧ କଲା। ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତଦିନ ପରେ ତା'ର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭାଠାରେ କିଛିଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବାକାର୍ଯ୍ୟ ପାଇଁ ଜେନେଭା ପଠାଇଦେଲେ। ରୁଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନଠାରୁ ରୁଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ରୁଷ୍‌ରେ ଚାରିଦିନ ରହିଗଲେ। କମଳା ନେହରୁଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ।



ପଂଜାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀମାନେ ଜନସାଧାରଣଙ୍କୁ ଗୋରୁଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛିଦିନ ପରେ ମୃତ୍ୟୁମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍ ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚାରିଆଡେ ପ୍ରଚାରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖାକଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେଶନରେ ଏକ ସୂତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ୍ତ ଦାବି କରାଯିବ। ଏହି ଔପନିବେଶକବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେଶନକୁ ଗଲେନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ୍ୟ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ୍ତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖକୁ ସ୍ୱାଧୀନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାରଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ରଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା।

ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ' ମାସ ୫ ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକମାନଙ୍କ ଡାକରାରେ ଜବାହରଲାଲ କୃଷକମାନଙ୍କ ବୈଠକରେ ଯୋଗଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖରେ ଜବାହାରଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜବାହାର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା।

କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜବାହାରଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜବାହାରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗାନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲକ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜବାହାରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ, କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବି କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜଙ୍କ ସହିତ ଆନନ୍ଦ ଭବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲିଗଲା। ତା' ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହଯୁଦ୍ଧରେ ବହୁ ନରନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମଂଜୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ଜବାହାରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ' ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

# ଖାଦ୍ୟପଦାର୍ଥର ମାନବୃଦ୍ଧି ଜରୁରୀ !

ଭୁବନେଶ୍ୱର (ପିଏନ୍): ଫୁଡ୍ ସେଫ୍‌ଟି ଏଣ୍ଡ୍ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ନିକଟଅତୀତରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କେତେକ ପୁଡ଼ିଆବନ୍ଧା (ପ୍ୟାକେଟ୍) ଖାଦ୍ୟପଦାର୍ଥ ଓ ବିସ୍କୁଟ୍ ଆଦିରେ ସ୍ୱତନ୍ତ୍ର ପୌଷ୍ଟିକ ମାନ ପ୍ରତି ଧ୍ୟାନ ଦେବା ନେଇ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ମୁଖ୍ୟତଃ ପାଞ୍ଚ ପ୍ରକାରର ଖାଦ୍ୟପଦାର୍ଥ ଚାଉଳ, ଗହମ, ଲୁଣ, ଅଟା, କ୍ଷୀର ଓ ଖାଇବା ତେଲରେ ଏହି ମାନ ଠିକ୍ ରହୁଛି କି ନାହିଁ, ତାହା କଡ଼ାକଡ଼ି କରାଯିବ। ଏସବୁଥିରେ ଭିଟାମିନର ପରିମାଣ ଅଧିକ ରଖିବା ପାଇଁ ବ୍ୟବସ୍ଥା ରହିବ। ଆମ ଦେଶରେ ସୁରକ୍ଷିତ ଖାଦ୍ୟ ନେଇ ସେଭଳି କୌଣସି ନିୟମକାନୁନ ଠିକ୍‌ଭାବେ ପାଳନ କରାଯାଉ ନଥିବା ଏକ ସାଧାରଣ ଘଟନା। ଦୂଷିତ ଖାଦ୍ୟ ଖାଇ ପ୍ରତିବର୍ଷ ହଜାରହଜାର ଲୋକଙ୍କ ମୃତ୍ୟୁ ଘଟୁଥିବାବେଳେ ନିମ୍ନ ମାନର ଖାଦ୍ୟ ଦ୍ୱାରା ପୁଷ୍ଟିହୀନତା ସମେତ ବିଭିନ୍ନ ବ୍ୟାଧିରେ ବହୁ ଲୋକ ଆକ୍ରାନ୍ତ ହେଉଛନ୍ତି। ବଜାରରେ ଯେଉଁ ଖାଦ୍ୟପଦାର୍ଥ ମିଳିଥାଏ, ସେଗୁଡ଼ିକରେ ଶରୀର ପ୍ରତି ଲାଭଦାୟକ ପଦାର୍ଥ ବେଶି ରହିବା ବଦଳରେ ହାନିକାରକ ତତ୍ତ୍ୱ ବେଶି ରହିଥାଏ। ଏସବୁର ତଦାରଖ କରିବା ପାଇଁ ସରକାରୀ ବ୍ୟବସ୍ଥା ଯେ ମୋଟେ ନାହିଁ, ସେକଥା ନୁହେଁ; ମାତ୍ର ସେସବୁ ଠିକ୍‌ଭାବେ କାର୍ଯ୍ୟ କରୁନାହିଁ। ଏସବୁ ଦୃଷ୍ଟିରୁ ଏହି ନିର୍ଦ୍ଦେଶାବଳୀ ଏକ ଉଚିତ ପଦକ୍ଷେପ; ମାତ୍ର ଏହାକୁ କିଭଳି ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ, ତାହା ବେଶି ଗୁରୁତ୍ୱପୂର୍ଣ୍ଣ। ନିର୍ଦ୍ଦିଷ୍ଟ ଉଚ୍ଚ ମାନର ଖାଦ୍ୟପଦାର୍ଥର ପ୍ରସ୍ତୁତି ବେଳେ ଏହି ନିର୍ଦ୍ଦେଶାବଳୀ କିଭଳି ପାଳିତ ହେବ, ସେ ନେଇ ମଧ୍ୟ ସନ୍ଦେହ ରହିଛି; କାରଣ ଏଫ୍‌ଏସ୍‌ଏସ୍‌ଏଆଇ ଏହି ପୁଡିଆ ଖାଦ୍ୟପଦାର୍ଥଗୁଡ଼ିକର ମାନବୃଦ୍ଧି ପାଇଁ ଏ ପର୍ଯ୍ୟନ୍ତ ସେଭଳି କିଛି ସମୟସୀମା ନିର୍ଦ୍ଧାରଣ କରିନାହାନ୍ତି। ତେଣୁ ପ୍ରସ୍ତୁତକାରୀମାନେ ଏହାକୁ ମାନିବେ କି ନ ମାନିବେ, ତାହା ସେମାନଙ୍କ ମର୍ଜି ଉପରେ ହିଁ ନିର୍ଭର କରୁଛି। ଅନେକ ବର୍ଷ ଧରି ଆମ ଦେଶରେ ନିର୍ଦ୍ଦିଷ୍ଟ ମାନବୃଦ୍ଧି କରି ଖାଦ୍ୟପଦାର୍ଥ ପ୍ରସ୍ତୁତ କରିବା କଥା କୁହାଯାଉଥିଲେ ହେଁ କେବେ ତା'ର ସଫଳ ପ୍ରୟୋଗ ହୋଇନାହିଁ। କେବଳ ଷାଠିଏ ଦଶକରେ ଆରମ୍ଭ ହୋଇଥିବା ଆୟୋଡିନମିଶା ଲୁଣ ଏ କ୍ଷେତ୍ରରେ କିଛିଟା ସଫଳତା ଦେଇଛି। ସେତେବେଳେ ଗଳଗଣ୍ଡ ରୋଗକୁ ଦୂର କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିଲା। ବର୍ତ୍ତମାନ ପୁଷ୍ଟିହୀନତା ଆମ ଦେଶର ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ଦୂର କରିବାକୁ ହେଲେ ଅତ୍ୟାବଶ୍ୟକ ଖାଦ୍ୟପଦାର୍ଥଗୁଡ଼ିକର ପୌଷ୍ଟିକ ମାନକୁ ବୃଦ୍ଧି କରିବା ଜରୁରୀ ହୋଇପଡ଼ିଛି। କେନ୍ଦ୍ର ସରକାର ସେଇକଥା ଏବେ ଚିନ୍ତା କରୁଛନ୍ତି ବୋଲି ଖବର ମିଳୁଛି। ନିକଟଅତୀତରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଘୋଷଣା କରିଥିଲେ ଯେ ସରକାର ପୁଷ୍ଟିହୀନତା ସହ ଲଢ଼େଇ କରିବାପାଇଁ ଏହିଭଳି 'ଫର୍ଟିଫାଏଡ଼' (ଉଚ୍ଚ ମାନଯୁକ୍ତ) ଖାଦ୍ୟକୁ ଏକ ପ୍ରମୁଖ ଅସ୍ତ୍ରଭାବେ ଧରିନେଇଛନ୍ତି। ମଧ୍ୟାହ୍ନ ଭୋଜନ ଯୋଜନା, ଆଇସିଡିଏସ୍ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦି ଯୋଜନାଗୁଡ଼ିକରେ ଏଭଳି ଖାଦ୍ୟପଦାର୍ଥର କ୍ରୟ ଓ ବଣ୍ଟନ ବାଧ୍ୟତାମୂଳକ ହେବ ବୋଲି ସେ କହିଛନ୍ତି। ତାଙ୍କ ମତରେ ଭାରତ ଭଳି ଦେଶରେ ଅସଂଗଠିତ କ୍ଷେତ୍ର ଏସବୁ ଖାଦ୍ୟପଦାର୍ଥର ଉତ୍ପାଦନ ଓ ପ୍ରସ୍ତୁତି କରିଥାନ୍ତି, ଯେଉଁମାନେ ଅନେକ ସମୟରେ ତା'ର ମାନ ପ୍ରତି ଆଦୌ ଦୃଷ୍ଟି ଦେଇନଥାନ୍ତି। ମନ୍ତ୍ରୀଙ୍କ କଥା ଠିକ୍, ମାତ୍ର ସଂପୃକ୍ତ ବିଭାଗ ଦ୍ୱାରା କେବଳ ନିର୍ଦ୍ଦେଶାବଳୀ ଜାରି କରିଦେଲେ ଏହା ହୋଇପାରିବ ନାହିଁ। ସବୁଠୁ ବଡ଼ କଥା ହେଉଛି ଏସବୁ ଉତ୍ପାଦନ ଓ ପ୍ରସ୍ତୁତ କରୁଥିବା ଲୋକେ ଯେଭଳି ଏ ନେଇ ଆରମ୍ଭରୁ ହିଁ ସଚେତନ ରହିବେ, ତା'ର ବ୍ୟବସ୍ଥା କରିବା ସର୍ବପ୍ରଥମ କାର୍ଯ୍ୟ ହେବ। ଆଜିକାଲି ସହରଗୁଡ଼ିକରେ ବିନା ଲାଇସେନ୍ସରେ ମଧ୍ୟ ଏସବୁ ପୁଡ଼ିଆ ଖାଦ୍ୟପଦାର୍ଥ ପ୍ରସ୍ତୁତି ବହୁଳ ପରିମାଣରେ ହେଉଛି। ସେଗୁଡ଼ିକ ଉପରେ ସରକାରଙ୍କ ଆଦୌ ନିୟନ୍ତ୍ରଣ ନାହିଁ। ଏପରିକି ଭଲ ବ୍ରାଣ୍ଡ୍‌ର ଖୋଳରେ ନିକଳି ଜିନିଷ ଭର୍ତ୍ତିକରି ବିକ୍ରି କରାଯାଉଛି। ଏହାକୁ ନ ରୋକାଗଲେ ଏଭଳି ନିର୍ଦ୍ଦେଶାବଳୀର କିଛି ଅର୍ଥ ନାହିଁ। ପ୍ରକୃତ କଥା ହେଉଛି ସୁରକ୍ଷିତ ଓ ଉଚ୍ଚ ମାନଯୁକ୍ତ ଖାଦ୍ୟପଦାର୍ଥ ନେଇ ଯେତିକି ସଚେତନତା ପ୍ରସ୍ତୁତକାରୀ ଓ ଖାଉଟିଙ୍କ ପାଖରେ ରହିବା କଥା, ଆମ ଦେଶରେ କାହା ପାଖରେ ମଧ୍ୟ ନାହିଁ। ଉନ୍ନତ ଦେଶଗୁଡ଼ିକରେ ଉତ୍ପାଦନଠାରୁ ଆରମ୍ଭ କରି ଖାଉଟି ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଏ ନେଇ ନିୟମକାନୁନ ଅତି ସ୍ପଷ୍ଟ ଓ ଦୃଢ଼। ନିର୍ଦ୍ଦିଷ୍ଟ ଉଚ୍ଚ ମାନଯୁକ୍ତ ଖାଦ୍ୟପଦାର୍ଥ ପ୍ରସ୍ତୁତ କରିବାରେ ଆମେରିକା ସର୍ବପ୍ରଥମ। ୧୯୦୦ ଶତାବ୍ଦୀର ଆଦ୍ୟଭାଗରେ ଭିଟାମିନ ବି୩ ଅଭାବରୁ ସେଠାକାର ଗରିବ ଲୋକମାନଙ୍କୁ ପେଲେଗ୍ରା ରୋଗ ହେବା ଜଣାପଡ଼ିବା ପରେ ଏହି ଭିଟାମିନଯୁକ୍ତ ଖାଦ୍ୟପଦାର୍ଥ ପ୍ରସ୍ତୁତ କରାଯାଇଥିଲା। ବ୍ରିଟେନ ଓ ଅନ୍ୟ ବିକଶିତ ଦେଶଗୁଡ଼ିକରେ ମଧ୍ୟ ଏହି ପଦ୍ଧତିକୁ ପୂର୍ବରୁ ଗ୍ରହଣ କରାଯାଇ ସଫଳତା ମିଳିଛି। ତେଣୁ ଆମ ଦେଶରେ ମଧ୍ୟ ନିଶ୍ଚୟ ସୁଫଳ ମିଳିବ। ତେବେ ଏଥିପାଇଁ ସେହି ଦେଶଗୁଡ଼ିକ ପରି ନିୟମ ଓ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି କରିବା ସହ ନିୟମିତ ତଦାରଖ ଏବଂ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ସରକାର ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ ଏ କ୍ଷେତ୍ରରେ କଠୋରତା ଅବଲମ୍ବନ ମଧ୍ୟ ବାଞ୍ଛନୀୟ।

# ସାଇପ୍ରେମ ଅବାରିତ



ଅବତାର ଆସନ୍ତି କେବଳ ଭଲ ମଣିଷମାନଙ୍କର ଉଦ୍ଧାର ପାଇଁ। ପଶୁ, ପକ୍ଷୀ କିମ୍ବା ଗଛଲତାମାନଙ୍କ ଉଦ୍ଧାର ପାଇଁ ନୁହେଁ। ସେଥିପାଇଁ ଜଣେ ଭକ୍ତ ଥରେ ପ୍ରକାଶ କରିଦେଲେ, ଭଗବାନ ମଣିଷକୁ ହିଁ ସବୁଠାରୁ ବେଶୀ ଭଲ ପାଉଥିବାରୁ ତାର ଉଦ୍ଧାର ପାଇଁ ଅବତାର ଗ୍ରହଣ କରନ୍ତି। ଏହାକୁ ଭଗବାନ ବାବା ଶୁଣି ଦରଦ ଓ ଦୁଃଖରେ କହିଲେ, ଭଗବାନ ସବୁ ପ୍ରାଣୀଙ୍କୁ ସମାନ ଭାବରେ ସ୍ନେହ ଏବଂ ଆଦର କରନ୍ତି। ମାତ୍ର ସେ କେବଳ ମଣିଷଙ୍କ ପାଇଁ ଅବତାର ହୋଇ ଆସିବାର କାରଣ, ସମଗ୍ର ଜୀବ ଜଗତରେ ଏକମାତ୍ର ପ୍ରାଣୀ ମଣିଷ, ନିଜ ଧର୍ମରୁ ବିଚ୍ୟୁତ ହୁଏ। ପଶୁ, ପକ୍ଷୀ, ଗଛ, ଲତା ସମସ୍ତେ ନିଜ ନିଜର ଧର୍ମ ଠିକ୍ ଭାବରେ ପାଳନ କରନ୍ତି। ତେଣୁ ସେମାନଙ୍କ ମଧ୍ୟରେ ଧର୍ମର ପୁନଃ ପ୍ରତିଷ୍ଠା ଆବଶ୍ୟକ ପଡ଼େନାହିଁ। ବୈଦିକ ସନାତନ ଧର୍ମଠାରୁ ଇସ୍‌ଲାମ ଯାଏ ସବୁଧର୍ମରେ ପ୍ରାଣୀକୁ ଭଲ ପାଇବାକୁ ଧର୍ମରେ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ସେଇଥିପାଇଁ ଶିବ ହେଲେ ପଶୁପତି, ବିଷ୍ଣୁ ରୂପରେ ହେଲେ ଗୋପାଳକ, ଶ୍ରୀରାମ ମାଙ୍କଡ଼, ଭାଲୁ ଆଉ ଗୁଣ୍ଡୁଚି ମୂଷାକୁ ଆପଣାର କଲେ। ଯୀଶୁ ଓ ବୁଦ୍ଧଦେବଙ୍କର ପ୍ରିୟ ଥିଲେ ମେଷ, ଭଗବାନ ଶ୍ରୀ ସତ୍ୟସାଇଙ୍କଠାରେ ଏ ସମସ୍ତ ପ୍ରାଣୀ କେହିହେଲେ ବାଦ ପଡ଼ିନାହାଁନ୍ତି। ପଶୁ,ପକ୍ଷୀ, ମଣିଷ ସମସ୍ତଙ୍କ ପାଇଁ ତାଙ୍କ ଭଲପାଇବା ପ୍ରେମ ଅବାରିତ। ଗାଈଗୋରୁ, କୁକୁର, ଓଟ, ହରିଣ, ହଂସ ସମସ୍ତେ ତାଙ୍କ ପ୍ରେମ ରାଜ୍ୟରେ ସମ୍ମାନିତ ବାସିନ୍ଦା। ସାଇ ଗୀତା ହସ୍ତିନୀ ବିଷୟରେ ନ କହିଲେ ଭଲ। ୧୯୬୨ ମସିହାରେ ଥରେ ବାବା ନୀଳଗିରି ଅଞ୍ଚଳର ଚିକେଟ୍ଟୀ ଗାଁକୁ ଯାଇଥିଲେ। ସେ ଗାଁରେ କୁଟନ ନାମରେ ଗୋଟିଏ କୁକୁର ଥିଲା। କୁଟନ ଅର୍ଥ ଏକ ଗୋଡ ହରାଇଥିବା କୁକୁର। ସେହି କୁଟନ ଯେ କି ସାରା ଗାଁକୁ ଜଗୁଥିଲା। ସେ ସମସ୍ତ ଗ୍ରାମବାସୀଙ୍କର ଅତିପ୍ରିୟ ଥିଲେ ବି ବାହାର କୌଣସି ଲୋକଙ୍କ ପ୍ରତି ଅତ୍ୟନ୍ତ ଭୟଙ୍କର ଥିଲା। ବାବାଙ୍କର ସେହି ଗ୍ରାମକୁ ଆଗମନ ସମୟରେ କାଳେ ବାବାଙ୍କୁ ଆହତ କରିବ ଏହି ଆଶଙ୍କାରେ ଲୋକେ ତାକୁ ବାନ୍ଧି ରଖିଲେ। ମାତ୍ର ସେ ବାବାଙ୍କୁ ଦେଖି ଅସମ୍ଭାଳ ହୋଇ ଉଠିଲା। ବାବା କୁଟନ ପାଖକୁ ଯାଇ ତାକୁ ଟିକିଏ ଆଉଁସି ଦେଲେ ବଙ୍ଗାରୁ ସୁନା ବୋଲି ତାକୁ ସମ୍ବୋଧନ କଲେ। ଆଉ ଲୋକମାନଙ୍କୁ କହିଲେ ତାକୁ ଖୋଲି ଦେବାକୁ। ଏହି ନିର୍ଦ୍ଦେଶ ଦେଇ କହିଲେ ସେ ଗୋଟିଏ ଶୁଦ୍ଧ ଆତ୍ମା ତାକୁ ବାନ୍ଧି ରଖ ନାହିଁ। ସେ ମୋ' ଦର୍ଶନ ଏବଂ ଆଶ୍ରା ପାଇଁ ପାଗଳ। କୁଟନ ପାଇଁ ବାବା ଅଜ୍ଞାତ କି ବାହାରର ଲୋକ ନଥିଲେ, ଥିଲେ ଆପଣାର ଅତି ଆପଣାର। ବାବା ଯେତେବେଳେ ସଭାମଣ୍ଡପ ଉପରକୁ ଚଢ଼ିଲେ କୁଟନ ମଧ୍ୟ ତାଙ୍କ ସାଙ୍ଗରେ ଯାଇ ତାଙ୍କ ଚୌକି ପାଖରେ ଧିରସ୍ଥିର ଭାବରେ ବସିଲା। ସେଦିନ ଗ୍ରାମର ସମସ୍ତ ଲୋକଙ୍କ ପାଇଁ ଭୋଜିଭାତର ଆୟୋଜନ କରାଯାଇଥିଲା। ବାବା ହାଣ୍ଡିଶାଳକୁ ଯାଇ ସବୁ ଖାଦ୍ୟପଦାର୍ଥକୁ ସ୍ପର୍ଶକରି ପ୍ରସାଦ କଲେ। ଆଉ ପ୍ରଥମେ କୁଟନକୁ ଖାଇବାକୁ ଦେବାକୁ ନିର୍ଦ୍ଦେଶ ଦେଲେ। ଲୋକମାନେ କିଛି ବୁଝି ନପାରିଲେ ମଧ୍ୟ ବାବାଙ୍କ କଥାକୁ ପାଳନ କଲେ। ତା'ପରେ ଲୋକମାନଙ୍କୁ ଖାଇବାକୁ ଦିଆଗଲା। ବାବା ଗୋଟିଏ ଉଚ୍ଚ ମଣ୍ଡପରେ ବସି ଖାଇବା ତଦାରଖ କରୁଥାନ୍ତି। କୁଟନ ଖାଇ ସାରି ବାବାଙ୍କ ପାଦ ଉପରେ ମୁଣ୍ଡରଖି ଶୋଇଲା। ସେ ନିଦ୍ରା ଥିଲା କୁଟନର ଶୁଦ୍ଧ ଆତ୍ମାର ଅନନ୍ତ ଜାଗରଣ। କାରଣ ଶୁଦ୍ଧାତ୍ମା ପ୍ରେମାତ୍ମାଠାରେ ଲୀନ ହୋଇଗଲା। ଏହା ଭଗବାନ ବାବାଙ୍କ ମଣିଷ ବ୍ୟତୀତ ଇତର ପ୍ରାଣୀ ପ୍ରତି ଥିବା ସ୍ନେହପ୍ରେମର ଜ୍ୱଳନ୍ତ ଉଦାହରଣ।

—ପ୍ରଫୁଲ କୁମାର ପରିଡା
ବେଲତଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

# ଶାରୀରିକ ଓ ମାନସିକ ସୁସ୍ଥତା ଜୀବନକୁ ସମୃଦ୍ଧ କରିଥାଏ



ଭୁବନେଶ୍ୱର (ପିଏନ୍): ଶାରୀରିକ ଓ ମାନସିକ ସୁସ୍ଥତା ପ୍ରତିଟି ମଣିଷର ଜୀବନକୁ ସମୃଦ୍ଧ କରିଥାଏ। ଏଣୁ ଆମ ଦେଶର ପ୍ରତିଟି ନାଗରିକ ପ୍ରତ୍ୟେହ ଯୋଗ, ବ୍ୟାୟାମ ଓ ଶାରୀରିକ କାର୍ଯ୍ୟର ଅଭ୍ୟାସ ଅନ୍ତତଃ ୧ ଘଣ୍ଟା କରିବା ଉଚିତ୍। ଶରୀର ଫିଟ୍ ରହିଲେ ଆମ ଦେଶ ବି ହୋଇପାରିବ ଫିଟ୍। ଏଭଳି ସୁସ୍ଥତାର ମନ୍ତ୍ର ଆଜାଦ୍ କୀ ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଛାତ୍ର, ଛାତ୍ରୀଙ୍କୁ ବାଣ୍ଟିଛନ୍ତି। ସୂଚନାଯୋଗ୍ୟ, ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଦେଶ ପାଳୁଛି ଆଜାଦୀ କୀ ଅମୃତ ମହୋତ୍ସବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟର ପରିସରରେ ଏନ୍‌ଏସ୍‌ଏସ୍, ଏନ୍‌ସିସି ଛାତ୍ର, ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର (ଖୋର୍ଦ୍ଧା) ଏବଂ ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) ଖୋର୍ଦ୍ଧାର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡ. ବିନୀତା ମହାନ୍ତି, ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ନବୀନ କୁମାର ନାୟକ, ଜାତୀୟ ସେବା ସଂସ୍ଥାର ଆଞ୍ଚଳିକ ନିର୍ଦ୍ଦେଶିକା କୁମାରୀ ସରିତା ପଟେଲ, ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ସୁଶାନ୍ତ କୁମାର ପଟ୍ଟନାୟକ, ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର କୁଳମଣି ମଲ୍ଲିକ ଏବଂ ଶୁଭେନ୍ଦ୍ର ନାଥ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଲୁଟ୍

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ୫୩ନମ୍ବର ଜାତୀୟ ରାଜପଥର କଣ୍ଟିଗଡ଼ିଆ ଛକ ନିକଟରେ ଆଜି ସ୍କୁଟି ପଛରେ ବସି ଯାଉଥିବା ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଓ ଲକେଟ୍ ଲୁଟି ନେଇଛି ଦୁର୍ବୃତ୍ତ । ଏ ସଂପର୍କରେ ବୃଦ୍ଧାଙ୍କ ପୁଅ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଗ୍ରାମର ଶରତ ସାହୁ ଥାନାରେ ଏତଲା ଦେଇଛନ୍ତି । ଲୁଟେରା ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ଘଟଣାରୁ ପ୍ରକାଶ ଯେ, ଶରତ ମା' ମାତାଜୀ ସାହୁ (୭୫)ଙ୍କୁ ସ୍କୁଟିରେ ବସାଇ ଭଉଣୀ ଘର ଡେରାବିଶ ଥାନା ରାଣୀପଡ଼ା ଗାଁରୁ ନିଜ ଘରକୁ ଫେରୁଥିଲେ । ପୂର୍ବାହ୍ନ ପ୍ରାୟ ୧୦ଟାରେ ଶ୍ରୀରାମପୁର ଟୋଲ୍ ଗେଟ୍ ଓ କଣ୍ଟିଗଡ଼ିଆ ଛକ ମଝିରେ ସେମାନଙ୍କ ପଛରୁ ଆସୁଥିବା ଜଣେ ବାଇକ୍ ଚାଳକ ମାତାଜୀ ପିନ୍ଧିଥିବା ୧୨ ଗ୍ରାମ୍ ଓଜନର ସୁନାଚେନ୍ ଓ ଲକେଟ୍‌କୁ ହଠାତ୍ ଝାମ୍ପି ନେଇ ଚଣ୍ଡିଖୋଲ ଆଡ଼େ ଚମ୍ପଟ ମାରିଥିଲା । ଦୁର୍ବୃତ୍ତର ଆକସ୍ମିକ ଆକ୍ରମଣରେ ସ୍କୁଟି ଚାଳକ ଶରତ ଭାରସାମ୍ୟ ହରାଇଥିଲେ । ପ୍ରଥମେ ଚଣ୍ଡିଖୋଲ ଫାଣ୍ଡି ଓ ପରେ ଧର୍ମଶାଳା ଥାନାରେ ଶରତ ଏତଲା ଦେଇଛନ୍ତି । ବାରମ୍ବାର ଏହି ରାସ୍ତାରେ ଛିନ୍‌ତାଇ ହେଉଛି । ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି ।

# କଂକ୍ରିଟ୍ ରାସ୍ତାରେ ଘାସ ଗାଲିଚା !



ଧର୍ମଶାଳା (ପିଏନ୍): କଂକ୍ରିଟ୍ ରାସ୍ତାରେ ଘାସ ଗାଲିଚା! ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଜାରକା-ଶାନ୍ତିବଜାର ଦୁଇଥାକିଆ ରାସ୍ତାର ବସୁଧା ଓଭରହେଡ୍ ପାଣିଟାଙ୍କି ନିକଟରେ । ପାଖରେ ଏକ ପାଣି ଟ୍ୟାପ୍ ରହିଛି । ଏହିଠାରୁ ନିକଟସ୍ଥ ବ୍ୟବସାୟୀ ଓ ସ୍ଥାନୀୟ ଅଞ୍ଚଳବାସୀ ପାନୀୟ ଜଳ ସଂଗ୍ରହ କରିଥାନ୍ତି । ସାମ୍ନାରେ ଏକ ଅଣଓସାରିଆ ଡ୍ରେନ୍ ରହିଛି । ଅଧିକ ବର୍ଷା ହେଲେ ଅପରପାର୍ଶ୍ୱର ବର୍ଷାପାଣି ଏପାଖକୁ ଚାଲିଆସେ । ଡ୍ରେନ୍ ବୁଡ଼ି ରାସ୍ତାରେ ବର୍ଷାପାଣି ପ୍ରବାହିତ ହୋଇଥାଏ । ଏଥିପାଇଁ ଉକ୍ତ ସ୍ଥାନଟି ସର୍ବଦା ପାଣିରେ ବୁଡ଼ି ରହିଥାଏ । ସବୁବେଳେ ପାଣିପାଇ ଅଧା କଂକ୍ରିଟ୍ ରାସ୍ତାରେ ଘାସ ଓ ଦଳ ମାଡ଼ିଗଲାଣି । ଦୀର୍ଘଦିନ ହେଲା ଏହାକୁ ସଫା କରାଯାଉ ନଥିବାରୁ ଏହା ଏଠାରେ ଘାସ ଗାଲିଚାର ଭ୍ରମ ସୃଷ୍ଟି କରୁଛି । ରାତିର ବିଦ୍ୟୁତ୍ ଆଲୋକରେ ପାର୍କ ଭଳି ପ୍ରତ୍ୟୟମାନ ହେଉଛି । ବର୍ଷାପାଣି ନିଷ୍କାସନ ପାଇଁ ଏଠାରେ ଏକ ଡ୍ରେନ୍ ନିର୍ମାଣ କରାଯାଇଛି । ମାତ୍ର ଏହା ଅଣଓସାରିଆ ହୋଇଥିବାରୁ ଲଗାଣ ବର୍ଷା ସମୟରେ ଡ୍ରେନ୍ ବୁଡ଼ି ରାସ୍ତାରେ ବର୍ଷାପାଣି ପ୍ରବାହିତ ହେଉଛି । ଫଳରେ ଉକ୍ତ ରାସ୍ତାରେ ଯାତାୟତ କରିବା ବାଧାପ୍ରାପ୍ତ ହେଉଛି । ସେହିପରି ଜାରକା ବଜାରର ଅଧିକାଂଶ ରାସ୍ତା ଭାଙ୍ଗିରୁଜି ଗଲାଣି । ଭଙ୍ଗାଦଦରା ରାସ୍ତାରେ ଯା'ଆସ କରିବା କଷ୍ଟକର ହେଉଛି । ଡ୍ରେନ୍ ପୋତି ହୋଇଗଲାଣି । ବର୍ଷା ହେଲେ କେତେକ ଦୋକାନ ଓ ଲୋକଙ୍କ ଘରେ ବର୍ଷାପାଣି ପଶିଯାଉଛି । ନିମ୍ନମାନର ନିର୍ମାଣ କାମ ପାଇଁ ବସୁଧା ଓଭରହେଡ୍ ପାଣିଟାଙ୍କି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଧର୍ମଶାଳାକୁ ପ୍ରଗତିର ପ୍ରୟୋଗଶାଳା ବୋଲି ଡିଣ୍ଡିମ ପିଟୁଥିବା ନେତା, କର୍ମୀ ଓ ଅଫିସରମାନଙ୍କୁ ଏ ଦୃଶ୍ୟ କିପରି ଦୃଶ୍ୟମାନ ହେଉନାହିଁ, ଏହାକୁ ନେଇ ପ୍ରଗତି ପଥେ ଥିବା ଧର୍ମଶାଳାବାସୀଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସମୃଦ୍ଧ ଧର୍ମଶାଳାରେ ବିକାଶର ଏଭଳି ଓଲଟା ଚିତ୍ର ଏହାର ପ୍ରକୃତ ସତ୍ୟତାକୁ ବୟାନ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୁତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୨୮

# ପୂର୍ଣ୍ଣମୟ ପ୍ରକୃତି


ସୌରଚନ୍ଦ୍ର ମହାପାତ୍ର

ଆଜିର ବସ୍ତୁସର୍ବସ୍ୱ ଦୁନିଆରେ ମୂଲ୍ୟବୋଧକୁ ନେଇ ଅନେକଙ୍କ ଭିତରେ ଆଲୋଚନା ଓ ଉଦ୍‌ବେଗର ସୃଷ୍ଟି ହେଉଛି । ପ୍ରାଚୀନ ଗୁରୁକୁଳରେ ଶିଷ୍ୟ ଗୁରୁଙ୍କ ତତ୍ତ୍ୱାବଧାନରେ ଶିକ୍ଷା ସମାପନ କରିବା ପରେ ଗୁରୁ ତାଙ୍କୁ ଯେଉଁ ଉପଦେଶ ଦେଉଥିଲେ ଅନ୍ୟ ଦେଶରେ ନାଥ ସେ ସବୁର ପରମ୍ପରା ନାହିଁ । 'ମାତୃ ଦେବୋ ଭବ' (ମା ତୁମର ଈଶ୍ୱର ହୁଅନ୍ତୁ), 'ପିତୃ ଦେବୋ ଭବ' (ପିତା ତୁମର ଈଶ୍ୱର ହୁଅନ୍ତୁ), 'ଆଚାର୍ଯ୍ୟ ଦେବୋ ଭବ' (ଗୁରୁ ତୁମର ଈଶ୍ୱର ହୁଅନ୍ତୁ), 'ସତ୍ୟଂ ବଦ' (ସତ୍ୟ କୁହ), 'ଧର୍ମଂ ଚର' (ଉଚିତ ରୂପେ କର୍ମ କର), 'ନେ ଇତରାଣ' (ଅନ୍ୟ ପନ୍ଥା ଅବଲମ୍ବନ କର ନାହିଁ ।) ଏସବୁ ଥିଲା ଆଦେଶ । ସମସ୍ତ ଅଧର୍ମ କାର୍ଯ୍ୟରୁ ନିବୃତ୍ତ ହେବା । ଯାହା ଆମର ପ୍ରଗତି ପାଇଁ ସହାୟକ ହେବ କେବଳ ସେଭଳି କର୍ମରେ ଲିପ୍ତ ରହିବା । ଏହା ହିଁ ହେଉଛି ଉପଦେଶ । ପୃଥିବୀ ପାଇଁ ଶାନ୍ତି ପ୍ରାର୍ଥନା କରି ବେଦ, ଉପନିଷଦ ଯେତେବେଳେ ଶାନ୍ତିଃ ଶାନ୍ତିଃ ଶାନ୍ତିଃ କହନ୍ତି ସେମାନେ ଏହି ଆଦେଶ ପ୍ରସଙ୍ଗ ଭଗବାନ ଶ୍ରୀସତ୍ୟସାଇ ଉତଥାପନ କରିଥାନ୍ତି । ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ବିଜୟ ଆଶା କରନ୍ତି । ସମସ୍ତେ ଧନ ଚାହାନ୍ତି କେହି ଦାରିଦ୍ର୍ୟ କାମନା କରନ୍ତି ନାହିଁ । ମାତ୍ର ବିଜୟ ଅଥବା ସଂପଦ କିପରି ଅର୍ଜନ କରାଯାଇ ପାରିବ ? ଏହା ଚିନ୍ତା ଏବଂ ଆବିଷ୍କାର କରିବାକୁ ହେବ । ସମାଧାନ ନିମନ୍ତେ ଆମେ ଦୀର୍ଘକାଳ ଅନୁସନ୍ଧାନ କରିବା ଅନାବଶ୍ୟକ । ମହାଭାରତରେ ସଂଜୟ ରାଜା ଧୃତରାଷ୍ଟ୍ରଙ୍କୁ କହିଛନ୍ତି 'ଯେଉଁ ପକ୍ଷରେ ଯୋଗେଶ୍ୱର କୃଷ୍ଣ ଏବଂ ଧନୁର୍ଦ୍ଧର ଅର୍ଜୁନ ରହିଛନ୍ତି ସେହି ପକ୍ଷ ବିଜୟୀ ଓ ଶ୍ରୀମଣ୍ଡିତ ହେବ ।' ଏହାଠାରୁ ଅଧିକ ଉପଦେଶ ଆମେ ଅନ୍ୱେଷଣ କରିବା କାହିଁକି ? ବିଜୟ ଲାଭ ନିମନ୍ତେ ଦୈହିକ, ମାନସିକ ଏବଂ ବୌଦ୍ଧିକ, ଏହି ତ୍ରିମୁଖୀ ସଂଗ୍ରାମ ଅନାବ୍ୟଶକ । ଜଣେ ବିବ୍ରତ ଅଥବା ଉଦବିଗ୍ନ ହେବା ଅନାବଶ୍ୟକ । ସଂପଦ ଏବଂ ସମୃଦ୍ଧି ନିମନ୍ତେ ଅଶ୍ରୁ ବର୍ଷଣ କରିବା ଅନାବଶ୍ୟକ । ଭଗବାନଙ୍କର ଶରଣାପନ୍ନ ହେବା, ସାହସର ଧନୁ ଧାରଣ କରି, ଅର୍ଥାତ୍ ହୃଦୟ ନିର୍ମଳ କରିବା । ତାହା ହିଁ ଯଥେଷ୍ଟ । ଯାହାଦ୍ୱାରା ଆମେ ବିଜୟୀ ଓ ଶ୍ରୀମଣ୍ଡିତ ହୋଇପାରିବା । ମାତ୍ର ଆମେ ଯେତେବେଳେ ବିଜୟ ଓ ସଂପଦର ଅନୁସରଣ କରୁଛୁ ସ୍ମରଣ ରଖିବା ଯେ ସେଗୁଡ଼ିକ ଛାୟା ମାତ୍ର, ସେ ସବୁର କୌଣସି ବାସ୍ତବତା ନାହିଁ । ଆମେ ନିଜର ଛାଇକୁ ଧରିପାରିବା ନାହିଁ, ସୂର୍ଯ୍ୟକୁ ପଛ କରି ନିଯୁତ ବର୍ଷ ଏଥିପାଇଁ ଆମେ ଅନବରତ ଉଦ୍ୟମ କରିପାରୁ । କାରଣ ଏହା ଦ୍ରୁତତର ଗତିରେ ପଳାୟନ କରେ ଏବଂ ସର୍ବଦା ଆମ ଠାରୁ ଦୂରକୁ ଚାଲିଯାଏ । କିନ୍ତୁ ସୂର୍ଯ୍ୟକୁ ସାମ୍ନା କରି ଆମେ ଯଦି ଅଗ୍ରସର ହେଉ ତାହେଲେ ଆମର ପଥପ୍ରଦର୍ଶକ ହେବା ପରିବର୍ତ୍ତେ ଛାୟା ଆମ ପଛପଟେ ରହିବ ଏବଂ ଆମକୁ ଅନୁସରଣ କରିବ । ଗୋଟିଏ କ୍ରୀତଦାସ ପରି ଏହା ଆମର ପଦାଙ୍କ ଅନୁସରଣ କରିବ । ଛାୟାକୁ ମାୟାର ପ୍ରତୀକ ବୋଲି ମନେକରିବା ଉଚିତ । ଆମେ ମାୟାର ଅନୁସରଣ କରୁଥିବା ପର୍ଯ୍ୟନ୍ତ ମାଧବ ଉପେକ୍ଷିତ ଓ ଅଦୃଶ୍ୟ ହେବେ । ଯାହାଦ୍ୱାରା ଆମେ ତାଙ୍କର ଶୁଭ ଓ କୃପା ଦୃଷ୍ଟି ପାଇବା ନାହିଁ । ଜନ୍ମ ମୃତ୍ୟୁର ବନ୍ଧନ ମଧ୍ୟରେ ଆମେ ବନ୍ଦୀ ହେବା ଏବଂ ସର୍ବଦା ବନ୍ଧନରେ ହିଁ ରହିବା । ନିର୍ଭର କରିବା ପରିବେଶରୁ ନିଜକୁ ମୁକ୍ତି ପାଇଁ ଜଣେ ଉଦ୍ୟମୀ ହେବା ଉଚିତ । ନଚେତ ଇନ୍ଦ୍ରିୟ ସଂଭୋଗ ନିମନ୍ତେ ଜଣେ ଯଦି ସବୁମନ୍ତେ ଉଦ୍ୟମ କରେ ଏହା ନିଶ୍ଚିତ ରୂପେ ତାର ଅଜ୍ଞତା ସୂଚିତ କରିବ ।

ଭାରତୀୟ ଜୀବନର ଏହି ଦିଗଦର୍ଶକ ନିୟମମାନ ଦେଶର ଭୌଗୋଳିକ ସୀମା ଦ୍ୱାରା ସୀମିତ ନଥିଲା । ଏଇ ଦେଶର ଲୋକମାନେ ଇଚ୍ଛା କଲେ ବା ନକଲେ ମଧ୍ୟ ସେମାନେ ଅନ୍ୟ ଦେଶକୁ ପରିବ୍ୟାପ୍ତ ହେଉଛନ୍ତି । ନିଜର ମୂଲ୍ୟବୋଧଗୁଡ଼ିକ ଚିନ୍ତା ଓ ଅନୁଭୂତିରେ ପୂର୍ଣ୍ଣ କରି ସେମାନେ ସାହିତ୍ୟକୁ ରୂପାନ୍ତରିତ କରୁଛନ୍ତି । ପ୍ରାକୃତିକ ବିଜ୍ଞାନ ଆତ୍ମା ମାନଙ୍କୁ କେବଳ ଅନ୍ନ, ବସ୍ତ୍ର ଏବଂ ଅନୁରୂପ ପଦାର୍ଥ ଦେଇପାରିବ । କେବଳ ଆଧ୍ୟାତ୍ମିକ ବିଜ୍ଞାନ ଆତ୍ମସତ୍ତାକୁ ଶକ୍ତିମନ୍ତ ଏବଂ ଅପରିବର୍ତ୍ତିତ ରଖିପାରିବ । ଏହି ବିଷୟ ପ୍ରତି ଶିକ୍ଷାର୍ଥୀ ମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଯଦି ଆତ୍ମସତ୍ତାର ଶକ୍ତି ନାହିଁ ଅଥବା ଦୃଢ଼ତା ନାହିଁ, ଅନ୍ନ, ବସ୍ତ୍ର ଏବଂ ଅନୁରୂପ ପଦାର୍ଥ ବହୁ ପରିମାଣରେ ଥିଲେ ମଧ୍ୟ ସେ ସବୁ ମୂଲ୍ୟହୀନ ।

ଜାତିର ଉନ୍ନତିବିଧାନ କରିବା ଆବଶ୍ୟକ ହେଲେ ନିଜ ମଧ୍ୟରେ ଆମେ ସମସ୍ତ ଆଧ୍ୟାତ୍ମିକ ଉତ୍ସ ପୁଞ୍ଜିଭୂତ କରିବା ବାଞ୍ଛନୀୟ । ଅତୀତରେ ଆବଶ୍ୟକତା ଜଣା ଥିଲା ଏବଂ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ୟମ ହେଉଥିଲା । ଭବିଷ୍ୟତରେ ମଧ୍ୟ ଏହି ଆବଶ୍ୟକତା ଅନୁଭୂତ ହେବ ଏବଂ ପୂର୍ଣ୍ଣ ହେବ । ଅର୍ଥାତ୍ ଆଜି ଯେଉଁସବୁ ଆଧ୍ୟାତ୍ମିକ ଅନୁରାଗ, ପ୍ରତ୍ୟୟ ଓ ଅଭିଳାଷ ଦୁର୍ବଳ ଏବଂ ବିପର୍ଯ୍ୟସ୍ତ ହୋଇଛି ସେସବୁକୁ ପରସ୍ପର ସହିତ ଐକ୍ୟବଦ୍ଧ ଏବଂ ପୁନଃ ପ୍ରଚଳିତ କରିବାକୁ ହେବ । ଭାରତୀୟ ଧର୍ମର ଅନନ୍ୟ ବିଭାଗ ଗୁଡ଼ିକ ଏଇ ଦୃଢ଼ ଭିତ୍ତି ଗଠନ କରିଛି । ସେ ସବୁ ଆକାଶ ପରି ପ୍ରଶସ୍ତ ଏବଂ ପ୍ରକୃତି ପରି ଶାଶ୍ୱତ । ଧର୍ମର ଅଂଶସ୍ୱରୂପ ଜାତି ଓ ସଂପ୍ରଦାୟ ବୃକ୍ଷର ଶାଖା ରୂପେ ଅବସ୍ଥାନ କରିପାରେ । ଜଣେ ସେଗୁଡ଼ିକୁ ଭୁଲ ବୋଲି ଧିକାର କରିବା ଅନାବଶ୍ୟକ । ମାତ୍ର କୌଣସି ଶାଖା ଅନ୍ୟ ଏକ ଶାଖା ସହିତ ସଂଗ୍ରାମ ବା ପ୍ରତିଯୋଗିତା କରିବା ଅନୁଚିତ । ତା ହେଲେ ବୃକ୍ଷଟି ଧ୍ୱଂସ ହେବ ଏବଂ ସବୁକିଛି ବିଧ୍ୱସ୍ତ ହେବ । ଜାତି ଗୁଡ଼ିକ ପ୍ରତିଯୋଗିତାପୂର୍ଣ୍ଣ ବିଭେଦରେ ଲିପ୍ତ ହେଲେ ଧର୍ମ ଧ୍ୱଂସ ହୁଏ ଏବଂ ବିଶ୍ୱ ବିନାଶ ହୁଏ । 'ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି' (ସତ୍ୟ ଏକ, ପଣ୍ଡିତମାନେ ବିବିଧ ଭାବେ ତାହାକୁ ବର୍ଣ୍ଣନା କରନ୍ତି) ।

ଭଗବାନଙ୍କର ସ୍ୱଭାବ ଏବଂ ବିଭାବ, ରୂପ ଓ ଗୁଣ ନେଇ ଆମ ପ୍ରତ୍ୟେକଙ୍କର ପୃଥକ ଧାରଣା ଥାଇପାରେ । ଜଣେ ବିଶ୍ୱାସ କରିପାରେ ଭଗବାନଙ୍କର ମାନବ ଗୁଣାବଳୀ ଓ ରୂପ ରହିଛି । ଆଉ ଜଣେ ମାନବ ରୂପ ଓ ସଂକେତହୀନ ଭଗବାନଙ୍କୁ ବିଶ୍ୱାସ କରିପାରେ, ମାତ୍ର ତାଙ୍କ ସ୍ୱରୂପକୁ ଅସ୍ୱୀକାର କରିପାରେ । ଆଉ ଜଣେ ଭଗବାନଙ୍କୁ ସମ୍ପୂର୍ଣ୍ଣ ନିରାକାର ରୂପେ ଗ୍ରହଣ କରିପାରେ । ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ଯୁକ୍ତି ସପକ୍ଷରେ ବେଦରୁ ଶ୍ଳୋକ ଉଦ୍ଧାର କରିପାରିବେ । କାରଣ ସମସ୍ତେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି, ଅର୍ଥାତ୍ ଉତ୍ସ, ଆଧାର ଓ ପରିପୋଷାକ ରୂପେ ଏକ ରହସ୍ୟମୟୀ ଶକ୍ତିକୁ ବିଶ୍ୱାସ କରନ୍ତି । ଏହି ସତ୍ୟ ବେଦରେ ଉଦଘୋଷିତ ଏବଂ ବିସ୍ତୃତ ଭାବେ ବର୍ଣ୍ଣିତ । ଈଶ୍ୱରଙ୍କ ନାମ ବା ରୂପ ସମ୍ପର୍କରେ ଯେଉଁସବୁ ଶିକ୍ଷା ଦିଆଯାଏ ସେଗୁଡ଼ିକ ଅତୀବ ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେ ସବୁର ସ୍ୱାତନ୍ତ୍ର୍ୟ ଏବଂ ପ୍ରଭେଦ ସମ୍ପର୍କରେ ଆଦୌ ବିବାଦ କରିବା ଅନାବଶ୍ୟକ । ଭଗବାନଙ୍କ ସମ୍ପର୍କରେ ଉପଦେଶ ପ୍ରଦାନ ହିଁ ବଡ଼ ସେବା । ପୃଥିବୀ ଏବଂ ଯେଉଁ ବିଶ୍ୱର ଏହା ଏକ ଅଂଶ, ସେସବୁ ସହସ୍ର ବର୍ଷ ତଳେ ସ୍ଥିତିବାନ ହୋଇଛି ଏବଂ ଭବିଷ୍ୟତରେ କେବେ ସେ ସବୁର ବିଲୟ ହେବ ବୋଲି ଅନ୍ୟମାନେ ଯେଭଳି ଭାବନ୍ତି ଭାରତୀୟମାନେ ସେହି ଦୃଷ୍ଟଭଙ୍ଗୀ ଗ୍ରହଣ କରନ୍ତି ନାହିଁ । ବିଶ୍ୱ ଯେ ଶୂନ୍ୟରୁ ସୃଷ୍ଟି ହୋଇଛି ଏହି ମନ୍ତବ୍ୟକୁ ମଧ୍ୟ ସେମାନେ ଗ୍ରହଣ କରନ୍ତି ନାହିଁ । ସେମାନେ ବିଶ୍ୱାସ କରନ୍ତି ପ୍ରକୃତି ଶୂନ୍ୟସୃଷ୍ଟି ନୁହେଁ, ଏହା ସର୍ବଦା ପୂର୍ଣ୍ଣ । ଏହାର ଆଦି ନାହିଁ କି ଅନ୍ତ ନାହିଁ । ଏହାର କେବଳ ସ୍ଥୂଳ ଏବଂ ସୂକ୍ଷ୍ମ ରୂପ ଅଛି । ପୂର୍ଣ୍ଣତାର କୌଣସି ପ୍ରମାଣ ନଥିବାରୁ ଆରମ୍ଭରୁ ଯେ ଶୂନ୍ୟ ରହିବ ଏ ପ୍ରକାର ଅନୁମାନ କରିବା କୌଣସି ଜ୍ଞାନର ସଂକେତ ନୁହେଁ । ବିଚାର କରିବା ପାଇଁ ଅସ୍ତିତ୍ୱର ଅନ୍ୟ ସ୍ତରମାନ ରହିଛି । ଦୃଷ୍ଟାନ୍ତସ୍ୱରୂପ, ମଣିଷ ସମ୍ପୂର୍ଣ୍ଣ ରୂପେ ଶରୀର ନୁହେଁ । ତାର ସ୍ଥୂଳ ଶରୀରରେ ଗୋଟିଏ ସୂକ୍ଷ୍ମ ଶରୀର ରହିଛି । ଏହାର ନାମ ମନ । ଏତଦଭିନ୍ନ ତାର ଆଉ ଏକ ଶରୀର ଅଛି । ମନ ଠାରୁ ତାହା ଆହୁରି ସୂକ୍ଷ୍ମ । ତାର ନାମ ଜୀବାତ୍ମା । ଶେଷଟିର ଆଦ୍ୟ ନାହିଁ କି ପ୍ରାନ୍ତ ନାହିଁ । ଏହାର ମୃତ୍ୟୁ ନାହିଁ କି ଧ୍ୱଂସ ନାହିଁ । ଏହି ସତ୍ୟକୁ ଭାରତୀୟମାନେ ବିଶ୍ୱାସ କରନ୍ତି । ଏହି ବିଶ୍ୱାସ ବେଦବାଣୀ ଉପରେ ଆଧାରିତ । ଈଶ୍ୱର ଉପାସନା କରିବା ସମୟରେ ଆମ୍ଭେମାନେ ଆଖି ବନ୍ଦ କରିଥାଉ । ଆମ୍ଭମାନଙ୍କର ମୁଖ ଉତ୍ତୋଳିତ କରି ଏବଂ ଉପରକୁ ଅନାଇ ବାହାରେ ଆମ୍ଭେମାନେ ଈଶ୍ୱରଙ୍କର ସନ୍ଧାନ କରିବା ପାଇଁ ଚେଷ୍ଟା କରିନଥାଉ । ଈଶ୍ୱରଙ୍କ ଦ୍ୱାରା ଉଦବୁଦ୍ଧ ବ୍ୟକ୍ତିମାନେ ଧର୍ମଗ୍ରନ୍ଥ ରଚନା କରିଛନ୍ତି ବୋଲି ଅନ୍ୟମାନେ କହିଥାନ୍ତି । ଭାରତୀୟମାନଙ୍କର ବିଶ୍ୱାସ ମୁନି ମାନଙ୍କ ହୃଦୟରୁ ଧ୍ୱନିତ ହୋଇଥିବା ବେଦ ହେଉଛି ଈଶ୍ୱରଙ୍କର ଅଭ୍ରାନ୍ତ ସ୍ୱର ।

*ବରିଷ୍ଠ ଆଇନଜୀବୀ,*
*ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,*
*ସେକ୍ଟର-୬, କଟକ*

# ଶ୍ରୀ ଶର୍ମାଙ୍କ ବକ୍ତୃତା ଓ ହଜାରେ ଟଙ୍କିଆ ଚଢ଼େଇ


ଭାସ୍କର ବାରିକ୍

'ଯାହା ଠିକ୍, ବିବେକ ଅନୁମୋଦିତ, ସେଭଳି କାର୍ଯ୍ୟକୁ ପ୍ରଶଂସା କରିବାରେ କିଛି ଅସୁବିଧା ନାହିଁ । କିନ୍ତୁ ଭୁଲ୍ କୁ ଭୁଲ୍ କହିବାର ସାହସ ସାମର୍ଥ୍ୟ ଆମ ଭିତରେ ରହିବା ଦରକାର । କାହାର ଭୁଲ୍ ପାଖରେ ନୀରବ ରହିବା ଅର୍ଥ, ଭୁଲ୍ କୁ ନୀରବ ସମର୍ଥନ ଦେବା । ସବୁ କଥାରେ ହଁ ମାରିବା ଏକ ଦୁର୍ବଳ ବ୍ୟକ୍ତିତ୍ୱର ପରିଚୟ । ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ବିବେକକୁ ବଳୀ ପକେଇଲେ, ପରବର୍ତ୍ତୀ ପରିସ୍ଥିତି କେବେବି ଶୁଭଙ୍କର ହେବନି । ଜାଣି ବୁଝି ଅପରିଣାମଦର୍ଶୀ ହେଲେ, ଭବିଷ୍ୟତରେ ଭୟଙ୍କର ପରିସ୍ଥିତିର ସାମ୍ନା କରିବାକୁ ଆମେ ବାଧ୍ୟ ।' ଶାଣିତ ସ୍ୱରରେ ଶବ୍ଦର ବାଣ ଉପସ୍ଥିତ ଶ୍ରୋତାଙ୍କ ଉଦ୍ଦେଶ୍ୟରେ ।

ଶାସ୍ତ୍ର ପୁରାଣ,ଇତିହାସ ଓ ରାଜନୀତି ଓ ଆନ୍ତର୍ଜାତିକ ସମ୍ପର୍କ ଉପରେ ଖୁବ୍ ଦଖଲ ଥିଲା ସେହି ବକ୍ତା ଶ୍ରୀ ଶର୍ମାଙ୍କର ଯାହା ତାଙ୍କର ପାଣ୍ଡିତ୍ୟ ଭରା ଅନର୍ଗଳ ଭାଷଣରୁ ବୁଝା ପଡୁଥିଲା । ତାଙ୍କର ମତ ଥିଲା,' ଏକ ଶଶକ୍ତ ସୁନ୍ଦର ସମାଜ ଓ ଦେଶ ପାଇଁ ଦେଶର ନାଗରିକମାନେ ଦେଶପ୍ରେମୀ ହେବା ନିହାତି ଜରୁରୀ କିନ୍ତୁ ଭୋକିଲା ପେଟରେ କେହି କେବେ ଦେଶପ୍ରେମୀ ହୋଇ ପାରିବନି । ଖାଦ୍ୟ,ବସ୍ତ୍ର, ବାସଗୃହ ସହିତ ଗମନାଗମନ, ଉତ୍ତମ ଗୁଣାତ୍ମକ ଓ ଦେଶାତ୍ମବୋଧକ ଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ସେବା ପ୍ରତ୍ୟେକ ନାଗରିକଙ୍କୁ ଉପଲବ୍ଧ କରେଇବା ଦାୟିତ୍ୱ ସରକାରଙ୍କର । ଆଇନ୍ ଶୃଙ୍ଖଳା ଢିଲା ହେଲେ ଚଳିବ ନାହିଁ । ଆଇନ୍ ସମସ୍ତଙ୍କ ପାଇଁ ସମାନ । ନିଜ ମାଟି ମାଆ ସହିତ ବେଇମାନି କରୁଥିବା ଲୋକ ପ୍ରତି ଆଇନ୍ ଆହୁରି ଅଧିକ କଠୋର ହେବା ନିତାନ୍ତ ଜରୁରୀ । ପ୍ରେମ, ଭଲପାଇବା, ଭାଇଚାରା, ସହିଷ୍ଣୁତା, ଅହିଂସାର ମନ୍ତ୍ର ସମସ୍ତେ ଜପନ୍ତୁ । ମନଦେଇ ଖୁବ୍ ଶାସ୍ତ୍ର ପୁରାଣ ବେଦ ପଢନ୍ତୁ କିନ୍ତୁ ଏଥି ସହିତ ଶସ୍ତ୍ର ଚାଳନାରେ ବି ପାରଙ୍ଗମ ହୁଅନ୍ତୁ । ଦେଶର ସୁରକ୍ଷା ଉନ୍ନତି ପ୍ରଗତି ପାଇଁ ମାଆ ମାନେ ପ୍ରଥମେ ସୁଶିକ୍ଷିତ ହେବା ଆବଶ୍ୟକ । ନାରୀ କେବେ ଅବଳା ଦୁର୍ବଳା ନୁହେଁ । ନାରୀ ଶକ୍ତି ଏକ ପ୍ରଚଣ୍ଡ ଶକ୍ତିର ଉତ୍ସ । ସାରା ସଂସାରରେ ଈଶ୍ୱର କେବଳ ନାରୀକୁ ପିଲାଟିଏ ଜନ୍ମ ଦେବାର ଆଶିର୍ବାଦ ଦେଇଛନ୍ତି । ଭାରତରେ ନାରୀ ନାରାୟଣୀ ଭାବରେ ପୂଜିତ । ମନେ ରଖନ୍ତୁ ଯାହା ପାଖରେ ସୃଷ୍ଟି କରିବାର କ୍ଷମତା ଅଛି, ତା ପାଖରେ ଧ୍ୱଂସ କରିବାର ଶକ୍ତି ବି ଅଛି । ବିନା ନାରୀରେ ସଂସାରର ସତ୍ତା ନାହିଁ । ତେଣୁ ଆମ ଘରର ଝିଅ ମାନେ ଶିକ୍ଷିତ ହେଲେ, ଆମ ରାଜ୍ୟ ଓ ଦେଶ ହେବ ଶିକ୍ଷିତ । ମାଆ ମାନେ ଗୀତା ଭାଗବତ ରାମାୟଣ ପଢିଲେ ଜାଣିଲେ, ତା'ର ପ୍ରଭାବ ଆପଣାଛାଏଁ ପିଲାଙ୍କ ଉପରେ ପଡ଼ିବ । ପିଲାବେଳେ ପିଲାଙ୍କୁ ବୁଢ଼ୀ ଅସୁରୁଣୀର ଗପ କହି ଡରେଇବା ବଦଳରେ ମାଆ ମାନେ ଛତ୍ରପତି ଶିବାଜି, ବୀର ସଭରକର, ରାଣା ପ୍ରତାପ, ସୁବାଷ ବୋଷ, ଭଗତ ସିଂ, ବୀର ହମିଦ୍ , ଓ ରାମାୟଣ ମହାଭାରତର ମହାନ ଚରିତ୍ର ମାନଙ୍କ ଉପରେ ପିଲାଙ୍କୁ କୁହନ୍ତୁ । ଧନୁର୍ଦ୍ଧର ବୀର ଅର୍ଜୁନଙ୍କ ବିଷୟରେ ପିଲା ଜାଣିଲେ ସାହାସୀ ହେବ । ପରମପୁରୁଷ ପ୍ରଭୁ ରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ବିଷୟରେ ଜାଣିଲେ ପିଲା ଚାଲିବ ସତ୍ ମାର୍ଗରେ । ଶାସ୍ତ୍ର ସହିତ କେଉଁଠି ଶସ୍ତ୍ରର ଆବଶ୍ୟକତା ରହିଛି, ପିଲା ନିଜେ ବୁଝିଯିବ' । ମୁଁ ଶୁଣୁଥିଲି ମନ୍ତ୍ରମୁଗ୍ଧ ହୋଇ ବକ୍ତାଙ୍କର ପ୍ରତିଟି ଶବ୍ଦକୁ । ଭାଷଣ ମଝିରେ ଶ୍ରୋତାଙ୍କ କରତାଳି ବର୍ଷା ସଭାଟିକୁ ଆହୁରି ସରଗରମ କରି ଦେଉଥିଲା ।

କରତାଳି ବର୍ଷା ମଝିରେ ଟିକିଏ ଅଟକି ଯାଇ,ପାଖରେ ଥିବା ପାଣି ବୋତଲରୁ ଢୋକେ ପାଣି ପିଇ ପୁଣି ବକ୍ତା ଜଣକ କହି ଚାଲିଲେ । ଇଂରାଜୀରେ ଗୋଟିଏ କଥା ଅଛି, 'ପାଓ୍ୱାର ଫ୍ଲୋଜ୍ ଫ୍ରମ ବ୍ୟାରେଲ ଅଫ୍ ଦ ଗନ । ଶକ୍ତି ବନ୍ଧୁକ ମୁନରୁ ଆସେ । ଏହାର ଅର୍ଥ ନୁହେଁ ଯେକୌଣସି ବ୍ୟକ୍ତି ଗୋଟେ ବନ୍ଧୁକ ଧରି ଅନ୍ୟକୁ ଡରେଇ ଧମକେଇ ଗୁଣ୍ଡା ଗିରି କରିବ । ମୁଁ ଆପଣମାନଙ୍କୁ ଆମ ଦେଶର ସୁରକ୍ଷାକୁ ନେଇ ଏକଥା କହୁଛି । ମୋର କହିବାର ଅର୍ଥ ହେଲା ଏକ ରାଷ୍ଟ୍ର ପାଖରେ ଯଦି ରାଷ୍ଟ୍ରର ସୁରକ୍ଷା ପାଇଁ ମଜଭୁତ ସୁରକ୍ଷା କବଚ ଅଛି , ତାହେଲେ ସେହି ରାଷ୍ଟ୍ରକୁ ସମସ୍ତେ ସମ୍ମାନ ଦେବାକୁ ବାଧ୍ୟ । ଅନ୍ୟ ଅର୍ଥରେ କହିଲେ ଯଦି ଗୋଟିଏ ରାଷ୍ଟ୍ର ସାମରିକ ଦୃଷ୍ଟିରୁ ମଜଭୁତ, ତାହେଲେ ସେହି ରାଷ୍ଟ୍ରକୁ ସହଜରେ କେହି କେବେ ନାଲି ଆଖି ଦେଖେଇ ଡରେଇ ପାରିବନି । ସାମରିକ ଶକ୍ତି ସହିତ ଯଦି ଦେଶର ନାଗରିକମାନେ ଦେଶପ୍ରେମୀ, ଦେଶ ପାଇଁ ଯେକୌଣସି ତ୍ୟାଗ କରିବାକୁ ପ୍ରସ୍ତୁତ, ତାହେଲେ ସେହି ରାଷ୍ଟ୍ରକୁ ଆଗକୁ ବଢ଼ିବାରେ କୋ ?ଣସି ଶକ୍ତି ଅଟକେଇ ପାରିବନି । ଏକଥା ସତ,ଶାନ୍ତି ଓ ପ୍ରେମ ବିନା ବଞ୍ଚିବା ଅସମ୍ଭବ । କିନ୍ତୁ ଦୁର୍ଭାଗ୍ୟ ଶାନ୍ତି ଓ ପ୍ରେମର ଭାଷା ଅପେକ୍ଷା ଶକ୍ତି ଓ ତାକତର ଭାଷା ଆଜିର ଦୁନିଆରେ ଅଧିକ ଫଳପ୍ରଦ ବୋଲି ମନେହୁଏ । ଭାରତବର୍ଷର ଅନ୍ୟତମ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ନିଜେ ବସ୍ ରେ ଲୋହୋର ଯାତ୍ରା କଲେ ଶାନ୍ତିର ଆଶା ନେଇ କିନ୍ତୁ ବଦଳରେ ଭାରତକୁ ମିଳିଲା କ'ଣ ? ଶାନ୍ତି ବଦଳରେ ଭାରତକୁ ଲହୁ ଲୁହାଣ କଲା ପାକିସ୍ତାନ କାର୍ଗିଲରେ । ୧୯୭୧ ରେ ବାଙ୍ଗଲାଦେଶର ମୁକ୍ତି ଯୁଦ୍ଧରେ ପାକିସ୍ତାନର ତେୟାନବେ ହଜାର ସୈନିକ ଭାରତ ପାଖରେ ଆତ୍ମସମର୍ପଣ କରିଥିଲେ । ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି ,ଯାହାଙ୍କୁ ଭାରତୀୟ ରାଜନୀତିରେ ଦେବୀ ଦୂର୍ଗା ବୋଲି କୁହାଯାଏ , ଉଦାର ହୃଦୟରେ ପାକିସ୍ତାନକୁ କ୍ଷମା କରି ଦେଇଥିଲେ । ଏ ହେଉଛି ଏ ପବିତ୍ର ମାଟିର ମହାନତାର ନିଦର୍ଶନ । ଭାରତବର୍ଷ ଶାନ୍ତିରେ ବିଶ୍ୱାସ କରେ । ଭାରତବାସୀ ଧର୍ମ ବିଶ୍ୱାସୀ ଓ ସରଳ କିନ୍ତୁ ଆମ ବିଶ୍ୱାସରେ ବିଷ ମିଶେଇ ଆମକୁ ଓ ଆମ ଗୋ ?ରବମୟ ସଭ୍ୟତାକୁ ଧ୍ୱଂସ କରିବାକୁ କିଛି ଦୁଷ୍ଟ ଶକ୍ତି ସର୍ବଦା ଚେଷ୍ଟିତ । ଏବେ ସମୟ ଆସିଛି ଆଖି ଖୋଲି ଥରେ ଆମ ଚାରିପଟକୁ ଭଲ ଭାବରେ ଦେଖିନେବାର , ଆତ୍ମ ସମୀକ୍ଷା କରିବାର । ଭାରତ ବିଶ୍ୱକୁ ଅହିଂସାର ମନ୍ତ୍ର ଦେଇଛି । ଆମର ଅହିଂସା ଓ ସହିଷ୍ଣୁତା ନୀତିକୁ ଯଦି କେହି ଆମର ଦୁର୍ବଳତା ଭାବି ଆମକୁ କ୍ଷତାକ୍ତ କରିବାକୁ ଆସେ, ସେତେବେଳେ ଆମର ପ୍ରଚଣ୍ଡ ଦେଶଭକ୍ତି ସହିତ ସାମରିକ ଶକ୍ତିର ଆଧାରରେ ଆମେ ଶତ୍ରୁକୁ ଉଚିତ୍ ଯବାବ ଦେଇ ପାରିବା ' ।

'ସୋସିଆଲ ମିଡ଼ିଆରେ ବହୁଳ ପ୍ରସାରିତ ଗୋଟିଏ ଚମତ୍କାର ବାର୍ତ୍ତା ଆପଣମାନେ ପ୍ରାୟ ପଢିଥିବେ ଯେଉଁ ବାର୍ତ୍ତାଟିକୁ ମୁଁ ଆପଣମାନଙ୍କୁ ଆଉଥରେ ମନେ ପକେଇ ଦେବାକୁ ଚାହୁଁଛି । ଗୋଟେ ପକ୍ଷୀ ବଜାରରେ ଜଣେ ପକ୍ଷୀ ବିକ୍ରେତା ଏକ ଲୁହା ଜାଲି ଦିଆଯାଇଥିବା ବାକ୍ସରେ ଅନେକ ଚଢ଼େଇ ରଖି ବିକ୍ରୟ କରୁଥିଲା । ତା ସହିତ ପାଖରେ ଗୋଟିଏ ଜାଲି ଟୋକେଇରେ କେବଳ ଗୋଟିଏ ମାତ୍ର ଚଢ଼େଇ ରଖିଥିଲା । ଯେଉଁ ଚଢ଼େଇ ଗୁଡିକ ଲୁହା ଜାଲି ଦ୍ୱାରା ଆବଦ୍ଧ ବାକ୍ସରେ ଥିଲେ,ଗ୍ରାହକ ମାନେ ସେଇଥିରୁ ବାଛି ବାଛି ନିଜର ମନ ମୁତାବକ ଚଢ଼େଇ କିଣି ନେଉଥିଲେ ସେହି ବିକ୍ରେତାଙ୍କ ପାଖରୁ । କାହାରି ନଜର କିନ୍ତୁ ଟୋକେଇରେ ଥିବା ଚଢ଼େଇଟି ଉପରେ ପଡୁ ନଥିଲା । ଜଣେ ଗ୍ରାହକଙ୍କ ନଜର ପ୍ରଥମେ ସେହି ଜାଲି ଟୋକେଇରେ ଥିବା ଚଢ଼େଇଟି ଉପରେ ପଡିଲା । ସେ ଲୁହା ଜାଲି ବାକ୍ସରେ ଥିବା ଗୋଟିଏ ଚଢ଼େଇର ମୂଲ୍ୟ ପଚାରିଲେ । ବିକ୍ରେତା ଜଣକ ଉତ୍ତର ଦେଲେ ଯେ ଜାଲି ବାକ୍ସରେ ଥିବା ପ୍ରତ୍ୟେକ ଚଢ଼େଇର ଦାମ୍ ଚାଳିଶି ଟଙ୍କା । ତାପରେ ଗ୍ରାହକ ଜଣକ ପଚାରିଲେ ଟୋକେଇରେ ଥିବା ଚଢ଼େଇଟିର ଦାମ୍ ବିଷୟରେ । ବିକ୍ରେତା ଜଣକ କହିଲେ, ଟୋକେଇଟିରେ ଥିବା ଚଢ଼େଇକୁ ସେ ବିକ୍ରି କରିବାକୁ ଇଚ୍ଛୁକ ନୁହଁନ୍ତି । ଯଦି ଗ୍ରାହକ ମହାଶୟ ଜିଦ୍ କରନ୍ତି, ତାହେଲେ ବିକ୍ରେତା ସେହି ଚଢ଼େଇଟିକୁ ଏକ ହଜାର ଟଙ୍କାରେ ବିକ୍ରି କରିବାକୁ ରାଜି । ଗ୍ରାହକ ଜଣଙ୍କ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ଟୋକେଇରେ ଥିବା ଏକମାତ୍ର ଚଢ଼େଇର ଦାମ୍ ଏତେ ଅଧିକ କାହିଁକି ? ବିକ୍ରେତା ଜଣକ ଉତ୍ତର ଦେଲେ ଏହି ଚଢ଼େଇଟି ସ୍ୱତନ୍ତ୍ର କାରଣ ଏହି ପକ୍ଷୀଟି ଅନ୍ୟ ପକ୍ଷୀଙ୍କୁ ଫାନ୍ଦରେ ପକେଇବା ପାଇଁ କାମକରେ । ଯେତେବେଳେ ସେ ଅନ୍ୟ ପକ୍ଷୀମାନଙ୍କୁ ଚିତ୍କାର କରି ଡାକେ, ଅନ୍ୟ ଚଢ଼େଇ ମାନେ କିଛି ଚିନ୍ତା ନକରି ତା'ର ଏହି ସ୍ୱତନ୍ତ୍ର ପକ୍ଷୀଟି ପାଖରେ ମେଳ ହୁଅନ୍ତି ଆଉ ସେହି ସୁଯୋଗରେ ସେ ମିଳିତ ହୋଇଥିବା ପକ୍ଷୀମାନଙ୍କୁ ସହଜରେ ଶିକାର କରେ । ପରେ ଖୁସିରେ ତା'ର ସେହି ସ୍ୱତନ୍ତ୍ର ପକ୍ଷୀଟିକୁ ପସନ୍ଦର ଖାଦ୍ୟ ଦେଇ ଖୁସି କରେ । ସେଥିପାଇଁ ଏହି ସ୍ୱତନ୍ତ୍ର ପକ୍ଷୀଟିର ଅଧିକ ଦାମ୍ । କାଳ ବିଳମ୍ବ ନକରି ଗ୍ରାହକ ଜଣଙ୍କ ବିକ୍ରେତା ଭାଷାରେ ତା'ର ସ୍ୱତନ୍ତ୍ର ପକ୍ଷୀଟିକୁ ଏକ ହଜାର ଟଙ୍କାରେ କିଣି ନେଲେ ଓ ସେଇଠି ସମସ୍ତଙ୍କ ଆଗରେ ତା'ର ବେକକୁ ମୋଡ଼ି ମାରିଦେଲେ । ବିକ୍ରେତା ଜଣକ ଗ୍ରାହକଙ୍କ ଏଭଳି କାର୍ଯ୍ୟରେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ଆପଣ ଏମିତି କାହିଁକି କଲେ । ଗ୍ରାହକ ଜଣଙ୍କ ନିଜର ପରିଚୟ ଦେବାକୁ ଯାଇ କହିଲେ ମୁଁ ଜଣେ ଅବସରପ୍ରାପ୍ତ ସୈନିକ । ଅନେକ ବର୍ଷ ଦେଶ ମାଆର ସୁରକ୍ଷା ପାଇଁ ହାତରେ ବନ୍ଧୁକ ଧରି କାମ କରିଛି । ଏହି ଚଢ଼େଇଟି ଅନ୍ୟ ପକ୍ଷୀମାନଙ୍କୁ ଶିକାର କରିବା ପାଇଁ କାମ କରୁଥିଲା । ନିଜ ବଂଶର ଧ୍ୱଂସ ପାଇଁ କାର୍ଯ୍ୟ କରୁଥିଲା । ଏପରି ଜାତିଦ୍ରୋହୀଙ୍କର ବଞ୍ଚିବାର କୋ ?ଣସି ଅଧିକାର ନାହିଁ । ଯିଏ ନିଜ ସ୍ୱାର୍ଥ ହାସଲ ପାଇଁ ନିଜ ସମାଜକୁ ଫାନ୍ଦରେ ଫସାଇବାର କାମ କରେ, ନିଜ ଲୋକଙ୍କ ବିନାଶ ପାଇଁ ଚେଷ୍ଟିତ ହୁଏ ଓ ନିଜ ଲୋକଙ୍କୁ ପ୍ରତାରଣା କରେ, ସେହିଭଳି ଜୀବକୁ ଯେତେ ଶିଘ୍ର ଶେଷ କରିବ,ସମାଜ ପାଇଁ ସେତେ ମଙ୍ଗଳ । ମୋର କହିବାର ଅର୍ଥ ହେଲା ଆମ ଦେଶରେ ଏମିତି ଅନେକ ହଜାରେ ଟଙ୍କିଆ ଚଢ଼େଇ ଅଛନ୍ତି ଯେଉଁମାନେ କୌଶଳ କରି ନିଜ ଦେଶର ସଭ୍ୟତା, ସଂସ୍କୃତିର ବିଲୋପ ଦିଗରେ ବିଭିନ୍ନ ଫନ୍ଦିଫିକର କରୁଛନ୍ତି । ସେମାନଙ୍କୁ ଆପଣମାନେ ଚିହ୍ନଟ କରନ୍ତୁ ଓ ସାବଧାନ ହୁଅନ୍ତୁ । ଏ ଦେଶର ହଜାର ହଜାର ବର୍ଷର ଗୌରବମୟ ଇତିହାସ ଓ ସଭ୍ୟତାର ପ୍ରଜ୍ୱଳିତ ପ୍ରଦୀପକୁ ଯେଉଁମାନେ ଲିଭେଇବା ଦିଗରେ କାମ କରୁଛନ୍ତି, ସେମାନଙ୍କ ପ୍ରତି ଆପଣମାନେ ସତର୍କ ରୁହନ୍ତୁ । ଆବଶ୍ୟକତା ସ୍ଥଳେ ମିଳିତ ସ୍ୱରରେ ସିଂହ ଗର୍ଜନ କରି ଆକାଶ ପବନ ପ୍ରକମ୍ପିତ କରନ୍ତୁ । ଭୁଲି ଯାଆନ୍ତୁ ଜାତି ଧର୍ମ ବର୍ଣ୍ଣର ବିଭେଦ । ସବୁ ପ୍ରକାରର ସଂକୀର୍ଣ୍ଣତାର ଅନ୍ଧାର ଗଳିରୁ ବାହାରି ଦେଶର ଉନ୍ନତି ପ୍ରଗତି କଥା ଚିନ୍ତା କରନ୍ତୁ । ରାଷ୍ଟ୍ର ସୁରକ୍ଷିତ ରହିଲେ, ବ୍ୟକ୍ତି ସୁରକ୍ଷିତ । ଯଦି ରାଷ୍ଟ୍ର ଅସୁରକ୍ଷିତ, ତାହେଲେ ଦେଶର ନାଗରିକମାନେ ଶାନ୍ତିରେ ନିଶ୍ୱାସ ନେବା ଅସମ୍ଭବ । ମନେ ରଖନ୍ତୁ କାହାର ସଂଘର୍ଷ,ସଂଗ୍ରାମ ଓ ତ୍ୟାଗ କେବେ ବିଫଳ ହୁଏନି । ଯଦି ଆପଣମାନେ ଅନୁଭବ କରୁଛନ୍ତି ଯେ ଆମ ଦେଶ ଉପରେ, ଆମ ସଭ୍ୟତା ଉପରେ,ଆମ ସଂସ୍କୃତି ଉପରେ ବିପଦର କଳା ବାଦଲ ଅଛି, ତାହେଲେ ନୀରବ ରହିବାର ଅର୍ଥ ନିଜ ହାତରେ ନିଜ ଜିହ୍ୱା ଛେଦନ କରିବା । ଶହ ଶହ ବର୍ଷ ଧରି ଏ ପବିତ୍ର ଭାରତବର୍ଷ ବିଦେଶୀ ମାନଙ୍କ କ୍ରୁରତାର ଶିକାର ହୋଇଛି । ଅଖଣ୍ଡ ଭାରତ ହୋଇଛି ଲୁଣ୍ଠିତ,ଶୋଷିତ ଓ ଖଣ୍ଡବିଖଣ୍ଡିତ । ଏ ଦେଶର ମାଟି ଭିଜିଛି ମଣିଷର ଉଷୁମ ରକ୍ତରେ । ଇତିହାସ ସାକ୍ଷୀ, ଆମ ଦେଶ ବହୁ ସଂଘର୍ଷର ଅଗ୍ନି ବଳୟ ଦେଇ ଗତି କରିଛି । ସାମ୍ନା କରିଛି ଅସଂଖ୍ୟ ଝଡ଼ ତୋଫାନ । ଅନେକ ଯନ୍ତ୍ରଣା ଅତ୍ୟାଚାର ସହିଛୁ । ଆଉ ନୁହେଁ । ପଢନ୍ତୁ ଶାସ୍ତ୍ର କିନ୍ତୁ ଆବଶ୍ୟକ ପଡିଲେ ଉଠାନ୍ତୁ ଶସ୍ତ୍ର । ଉଭୟ ଶାସ୍ତ୍ର ଓ ଶସ୍ତ୍ର ଆଜିର ଆହ୍ୱାନ । ଏ ଭାରତବର୍ଷର ଅଧିବାସୀ କେବେ ଭୀରୁ କାପୁରୁଷ ନଥିଲେ । ଆମେ ଶାନ୍ତିର ପୁଜାରୀ ସତ କିନ୍ତୁ ଦରକାର ପଡ଼ିଲେ ଆମେ ଖଣ୍ଡା ବନ୍ଧୁକର ପ୍ରୟୋଗ ବି କରି ପାରିବୁ । ଆପଣମାନେ ଦେଶ ପ୍ରତି ଆପଣଙ୍କ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ , ରାଷ୍ଟ୍ର ନିଶ୍ଚିତ ଆପଣଙ୍କ ଦାନର ପ୍ରତିଦାନ ଦେବ । ରାଷ୍ଟ୍ର ପାଖରୁ ବ୍ୟକ୍ତି କିଛି ଆଶା କରିବା ସ୍ୱାଭାବିକ କଥା । କିନ୍ତୁ ସମୟ ଉପନୀତ ହୋଇଛି ଆମେ ଜଣେ ଜଣେ ଦାୟିତ୍ୱ ସମ୍ପନ୍ନ ଓ କର୍ତ୍ତବ୍ୟ ପରାୟଣ ନାଗରିକ ଭାବରେ ଦେଶର ଗୌରବ ପାଇଁ, ସଭ୍ୟତାର ସମୃଦ୍ଧି ପାଇଁ କ'ଣ କରି ପାରିବା , ସେ ବିଷୟରେ ଗଭୀର ଭାବରେ ଚିନ୍ତନ କରିବାର ଆବଶ୍ୟକତା ରହିଛି ବୋଲି ମୋର ହୃଦବୋଧ ହେଉଛି । ଆମ ଚିନ୍ତା ଚେତନା ଓ କାର୍ଯ୍ୟରେ ଦେଶପ୍ରେମ ଓ ଭାରତବର୍ଷର ବିକାଶ ପ୍ରାଥମିକତା ହେଉ ।'

ପାଖାପାଖି ଏକ ଘଣ୍ଟା କହି ସାରିବା ପରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ବକ୍ତବ୍ୟ ଶେଷ କଲେ ଶ୍ରୀ ଶର୍ମା ସାହେବ । ଭାରତ ମାତା କି ଜୟ, ନାରାରେ ସଭାସ୍ଥଳ ପ୍ରକମ୍ପିତ ହେଉଥିଲା । ଭିଡ଼ ଆଡେଇ ବାହାରକୁ ଆସି ମୁଁ ମନେ ମନେ ଭାବୁଥିଲି ସତରେ ଭାରତବର୍ଷର ମହନୀୟ ସଭ୍ୟତା, ସଂସ୍କୃତି, ସଂସ୍କାର, ପରମ୍ପରା, କଳା ଭାସ୍କର୍ଯ୍ୟର ସୁରକ୍ଷା ପାଇଁ ଆମେ ସଚେତନ ତ ?

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

# କୃଷ୍ଣ ହେଲେ କୃଷ୍ଣ ବୁଝି ହେବ

ହେମନ୍ତ କୁମାର ପରିଡ଼ା

ଭଗବାନ ସଚ୍ଚିଦାନନ୍ଦ ଯେତେବେଳେ ତାଙ୍କର ଲୀଳା କରିବା ପାଇଁ ଇଛା ଉତ୍ପନ୍ନ ହୁଏ ସେତେବେଳେ ସେ ସ୍ୱୟଂ ଜୀବ ରୂପରେ ଶରୀର ଧାରଣ କରିଥାଆନ୍ତି । ଲୀଳା ପାଇଁ ଲୀଳାସଙ୍ଗୀ ମାନଙ୍କର ଆବଶ୍ୟକତା ପଡ଼େ । ତେଣୁ ସେ ସାଥିରେ ଲୀଳା ସଙ୍ଗୀ ମାନଙ୍କୁ ନେଇ ଲୀଳା କରିବା ପାଇଁ ଆସିଥାଆନ୍ତି । ଏହି ଧରଣୀ ବକ୍ଷରେ ସେ ଅନେକବାର ଅବତାର ନେଇଛନ୍ତି । ଦ୍ୱାପର ଯୁଗର ଶେଷ ଭାଗରେ ଭଗବାନ ସ୍ୱୟଂ ଅବତାର ନେଇ ପ୍ରେମ ପୁରୁଷ ଶ୍ରୀକୃଷ୍ଣ ରୂପରେ ବିଶେଷ ଲୀଳା ପ୍ରକଟ କରିଥିଲେ । ସେ ଲୀଳା ଯେତିକି ମାର୍ମିକ ସେତିକି ଚିତାକର୍ଷକ । ପରିପୂର୍ଣ୍ଣତାର ପରିଭାଷା ଭଗବାନ ଶ୍ରୀକୃଷ୍ଣ ଲୀଳା ପୁରୁଷୋତ୍ତମ ଭାବରେ ପ୍ରସିଦ୍ଧ । ସେ ସ୍ୱୟଂ ସ୍ୱତନ୍ତ୍ର ପରିପୂର୍ଣ୍ଣ ଅଟନ୍ତି । ଯେଉଁ ଦିନ ସେ ଆବିର୍ଭାବ ହୋଇଥିଲେ - ସେ ଦିନ ଥିଲା ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି । ବର୍ଷା ମୁଖର ଘନ ଅନ୍ଧାର ରାତି । ମଥୁରା ଅଧିପତି ଦୁଷ୍ଟ କଂସ ରାଜାର ବନ୍ଦୀଶାଳାରେ ବସୁଦେବଙ୍କ ପତ୍ନୀ ମାତା ଦେବକୀଙ୍କ ଗର୍ଭରୁ ପରମ ପୁରୁଷ ପରମାତ୍ମା ସାକାର ରୂପରେ ସମ୍ଭୁତ ହୋଇଥିଲେ । ତାହା ସାରା ପୃଥିବୀ ପାଇଁ ପରମ ପବିତ୍ର ମୁହୂର୍ତ୍ତ ଥିଲା । ତାଙ୍କ ଜନ୍ମ ସମୟରେ ଅନେକ ଅଦ୍ଭୁତ ଓ ଅଲୌକିକ ଘଟଣାମାନ ଘଟିଲା । ବନ୍ଦୀ ପିତା ମାତାଙ୍କ ବେଢ଼ି ଖୋଲିଗଲା । ବନ୍ଦୀଗୃହ ଦିବ୍ୟ ଆଲୋକରେ ଉଦଭାସିତ ହୋଇ ଉଠିଲା । ଭଗବାନ ଆବିର୍ଭାବ ହୋଇ କହିଲେ ମୋତେ ନେଇ ଗୋପ ପୁରରେ ନନ୍ଦରାଜାଙ୍କ ରାଣୀ ଯଶୋଦାଙ୍କ କୋଳରେ ଛାଡ଼ି ଦେବ ଏବଂ ତାଙ୍କ ସଦ୍ୟଜାତ କନ୍ୟାକୁ ନେଇ ଆସିବ । ତାହାଥିଲା ଅପୂର୍ବ ସଂଯୋଗ । ବିଚିତ୍ର ଭାବରେ ସମସ୍ତ ବ୍ୟବସ୍ଥା ହୋଇଗଲା । ବନ୍ଦୀଶାଳାର ଦ୍ୱାର ଛାଏଁ ଛାଏଁ ଖୋଲିଗଲା । ଦ୍ୱାର ରକ୍ଷକ ଭାବେ ନିଯୁକ୍ତ କଂସଙ୍କ ପିତା ଉଗ୍ରସେନ ବ୍ୟତୀତ ସମସ୍ତ ପ୍ରହରୀ ଥିଲେ ନିଦ୍ରା ଗ୍ରସ୍ତ । ବନ୍ଦୀଶାଳରୁ ପ୍ରଭୁଙ୍କ ଯାତ୍ରା ଆରମ୍ଭ ହେଲା । ଲୋକ ସଂଗ୍ରହର ଯାତ୍ରା, ଲୀଳା ପ୍ରକଟର ଯାତ୍ରା, ପ୍ରେମ ବିତରଣର ଯାତ୍ରା । କଂସ ବନ୍ଦୀଶାଳାରୁ ବାସୁଦେବ କୃଷ୍ଣଙ୍କର ଏହି ଜୀବନ ଯାତ୍ରା ଆରମ୍ଭ । ଦ୍ୱାର ଦେଶରେ ଭେଟ ହେଲେ ଉଗ୍ରସେନ । ପିତା ବାସୁଦେବ ସଦ୍ୟଜାତ ସନ୍ତାନକୁ ଶିର ଉପରେ ଧାରଣ କରିଛନ୍ତି । ସେହି ଝୁଡ଼ି ଭିତରୁ ଶ୍ରୀକୃଷ୍ଣ ଉଗ୍ରସେନଙ୍କୁ ଚତୁର୍ଭୁଜ ନାରାୟଣ ରୂପରେ ଦର୍ଶନ ଦେଲେ । ପଛରେ ବାସୁକି ନାଗ ଛତ୍ରୀ ଭାବରେ ଫଣା ଟେକି ବର୍ଷା ଦାଉରୁ ପ୍ରଭୁଙ୍କୁ ରକ୍ଷା କରୁଛନ୍ତି । ଉଗ୍ରସେନ ପ୍ରଭୁଙ୍କୁ ଦର୍ଶନ କରି କୃତକୃତ୍ୟ ହୋଇଗଲେ ଓ ପାଦ ତଳେ ପ୍ରଣାମ କରି ପଥ ଛାଡ଼ିଦେଲେ । ବିଜୁଳି ରାସ୍ତା ଦେଖାଇଲା । ଭରା ଯମୁନାର ଜଳ ଦୁଇ ଭାଗ ହୋଇ ନଦୀପାରି ହେବା ପାଇଁ ରାସ୍ତା ଦେଇଦେଲା । ବସୁଦେବ ପୁତ୍ରକୁ ନେଇ ନନ୍ଦରାଜାଙ୍କ ଘରେ ପହଞ୍ଚିଗଲେ । ଦେଖିଲେ ସମସ୍ତେ ସୁପ୍ତ । ନନ୍ଦ ରାଣୀ ଯଶୋଦ ସଦ୍ୟ କନ୍ୟାଟିଏ ପ୍ରସବ କରି ଅଚେତ । ବସୁଦେବ ଯଶୋଦାଙ୍କ କୋଳରେ ପୁତ୍ରକୁ ଥୋଇ ଦେଇ ତାଙ୍କ କନ୍ୟାକୁ ଧରି ମଥୁରା ଫେରି ଆସିଲେ । ଏକ ଅଦେଖା ଇଙ୍ଗିତରେ ସତେ ଅବା ସବୁକାର୍ଯ୍ୟ ସଠିକ ଭାବେ ସଙ୍ଗଠିତ ହୋଇଗଲା । ସେ କନ୍ୟା ଥିଲେ ସ୍ୱୟଂ ଯୋଗମାୟା । ଯୋଗେଶ୍ୱର କୃଷ୍ଣଙ୍କ ଲୀଳା ସଙ୍ଗୀ ଭାବେ ଯୋଗିନୀ ଯୋଗମାୟା ତାଙ୍କ ନିର୍ଦ୍ଦେଶରେ ଯାଇ ଯଶୋଦାଙ୍କ ଗର୍ଭରେ ଜନ୍ମ ଗ୍ରହଣ କରିଥିଲେ । ଭାଦ୍ରବ କୃଷ୍ଣ ଅଷ୍ଟମୀ ଏକାଧାରାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଯୋଗମାୟାଙ୍କ ଜନ୍ମଦିନ ଅଟେ ।

କୃଷ୍ଣଙ୍କୁ ନେଇ ସନାତନ ଶାସ୍ତ୍ର ପୁରାଣ ବହୁ ଭାବେ ରୁଦ୍ଧିମନ୍ତ । କୃଷ୍ଣ କିଏ ? ଶାସ୍ତ୍ରରେ କୁହାଯାଇଛି – 'କର୍ଷତି ଇତି କୃଷ୍ଣ' । ଯାହାଙ୍କ ଆକର୍ଷଣରେ ସାରା ସୃଷ୍ଟି ଆକର୍ଷିତ ସେ ହେଲେ କୃଷ୍ଣ । ବ୍ୟବହାର ଜଗତରେ ଶ୍ରୀକୃଷ୍ଣଙ୍କ ଚରିତ୍ରର ଅନୁଶୀଳନ ଅଦ୍ଭୁତ ହିଁ ଅଦ୍ଭୁତ ଅଟେ । ସୃଷ୍ଟିକୁ ପ୍ରେମର ପ୍ଲାବନରେ ଅବଗାହିତ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହୋଇଥିଲେ । ପ୍ରେମ ଶିକ୍ଷାର ଦୀକ୍ଷା ଧାରଣ କରି ତାଙ୍କର ଧରାବତରଣ । ସେ ଏକମାତ୍ର ଦେବତା ଯାହାଙ୍କୁ ଦେଖିଲେ ଶ୍ରଦ୍ଧା ପ୍ରେମରେ ହୃଦୟରୁ ଝରିଆସେ 'ତୁ' 'ତୋର' 'ଆରେ ଧନରେ' ଭଳି ସବୁଠାରୁ ଆପଣାର ଶବ୍ଦ । ସେହିଥି ପାଇଁ ସେ ପ୍ରେମର ଠାକୁର କାହ୍ନା, କାହ୍ନୁ କାଳିଆ ଏହିଭଳି କେତେ କଣ ହୃଦୟ ଭରା ସମ୍ବୋଧନ । ତାଙ୍କ ଲୀଳାକ୍ଷେତ୍ର ବୃନ୍ଦାବନ ପ୍ରେମଭୂମି ଭାବରେ ସମସ୍ତଙ୍କର ପ୍ରିୟ । ସେ ପ୍ରେମ ଭୂମିରେ ପାଦ ଦେଲେ ହୃଦୟ ପ୍ରେମପୂର୍ଣ୍ଣ ହୋଇଯାଏ । ସେହି ଭୂମିରେ ଭକ୍ତିମାତାଙ୍କ ସହିତ ଜ୍ଞାନ ବୈରାଗ୍ୟ ପୁତ୍ରରୂପ ହୋଇ ଲୀଳା କରୁଛନ୍ତି । ସେ ଭୂମିରେ ନିବାସ ପାଇଁ ବଡ଼ ବଡ଼ ଦେବତାମାନେ ମଧ୍ୟ ମନ ବଳାଇ ଥାଆନ୍ତି । ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ । ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ । ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ । କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ । ସେ ସଖା ଅର୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ । ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା । ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ । ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା । ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ । ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ । ଶ୍ରୀକୃଷ୍ଣଙ୍କୁ ବନ୍ଦନା କରି ଆମେ କହିଥାଉ 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ' । କିନ୍ତୁ ମାନବୀୟ ଦୃଷ୍ଟିକୋଣରୁ କୃଷ୍ଣଙ୍କ ଜୀବନର ପର୍ଯ୍ୟାଲୋଚନା କଲେ ଜଣାଯାଏ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ଯେତେ ଦୁଃଖ ତାଙ୍କ ଜୀବନ ଦେଇ ବହି ଯାଇଛି ତାହା ପ୍ରତ୍ୟେକ ମଣିଷକୁ ବ୍ୟଥିତ କରିବ । ଲାଗିବ ସତେ ଅବା ଯନ୍ତ୍ରଣାର ଅନ୍ୟନାମ ହେଉଛନ୍ତି କୃଷ୍ଣ । ଜନ୍ମ ହେଲେ ବନ୍ଦୀଶାଳାରେ । ଜନ୍ମ ହେଉ ହେଉ ପିତାମାତାଙ୍କ ଠାରୁ ବିଚ୍ଛେଦ । କେତେ କେତେ ଘାତ ପ୍ରତିଘାତ, ପ୍ରତିମୁହୂର୍ତ୍ତରେ ତାଙ୍କ ଜୀବନ ପ୍ରତି ବିପଦ । ସେ ଯେତେବେଳେ ମାତ୍ର ତିନି ଦିନର ଶିଶୁ ସେତେବେଳେ ପୁତନାର ଭୟ, ସ୍ତନରେ ବିଷ ଦେଇ ଶିଶୁ ହତ୍ୟାର ଉଦ୍ୟମ, ସେବେ ଠାରୁ ଭୟଙ୍କର ରାକ୍ଷସ ରାକ୍ଷସୀ ମାନଙ୍କ ଆକ୍ରମଣ ଲାଗି ରହିଲା । କିଶାର ବେଳେ ଖେଳ ସାଥିଙ୍କ ଠାରୁ ବିଚ୍ଛେଦ, ପ୍ରିୟ ପିତା ମାତାଙ୍କ ଠାରୁ ବିଚ୍ଛେଦ । ଜରାସନ୍ଧ ଭୟରେ ଆପଣା ରାଜ୍ୟ ତ୍ୟାଗକରି ସମୁଦ୍ର ଭିତରେ ରାଜଧାନୀ ସ୍ଥାପନା । ଘର ସଂସାର କରି ବିରାଟ ଯାଦବ ବଂଶ ପ୍ରତିଷ୍ଠା କଲେ । ସମୟ କ୍ରମେ ନିଜ ହାତରେ ପ୍ରତିଷ୍ଠିତ ଆପଣା ପରିବାରଙ୍କୁ ଧ୍ୱଂସ କରିଦେଇ ନିଜେ ମଧ୍ୟ ଜରା ଶବର ହାତରେ ନିହତ ହୋଇଗଲେ । ଧର୍ମ ରକ୍ଷା ପାଇଁ କର୍ତ୍ତବ୍ୟ କରିବାରେ ସେ ସଦା ତତ୍ପର । ସର୍ବ ସମର୍ଥ ହୋଇ ମଧ୍ୟ ବେଳେ ବେଳେ ଅସହାୟତାର ଅଭିନୟ କରିଥାନ୍ତି । ଧର୍ମରକ୍ଷା, ସତ୍ୟ ପ୍ରତିଷ୍ଠା ସହିତ ସମାଜ ସୁରକ୍ଷା ପାଇଁ ଅନେକ ସମୟରେ ସେ ଅସହାୟତାର ସମ୍ମୁଖୀନ ହୋଇଛନ୍ତି । ଅଭିଶାପର ଶିକାର ହୋଇଛନ୍ତି, ସବୁ ଅଭିଶାପକୁ ସ୍ୱୀକାର ମଧ୍ୟ କରିଛନ୍ତି । ହସି ହସି ସବୁ ବିଷକୁ ଗ୍ରହଣ କରି ନେଇଛନ୍ତି । ସେ କାହାର ନୁହଁନ୍ତି, ପୁଣି ସମସ୍ତଙ୍କର । ଯେଉଁଠି ସତ୍ୟ, ଯେଉଁଠି ନ୍ୟାୟ, ଯେଉଁଠି ଶରଳତା, ନିଷ୍କପଟତା ସେ ସେଇଠି, ସେହିମାନଙ୍କ ପାଖରେ ସେ ସର୍ବଦା ରହିଛନ୍ତି । ଅନ୍ୟାୟ ପାଖରେ ନ୍ୟାୟର ଧର୍ମ ଧାରଣ କରି ସେ ଉଭା ହୋଇଛନ୍ତି । କାମନା, ଶୂନ୍ୟ ନିସ୍ପୃହ ନିରହଙ୍କାରୀ ଯୋଗୀ ସମ୍ପୂର୍ଣ୍ଣ ନିରପେକ୍ଷ ସମସ୍ତ ଐଶ୍ୱର୍ଯ୍ୟର ସେ ଅଧିକାରୀ । ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିବାରୁ ସେ ସ୍ୱୟଂ ଭଗବାନ । ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ତ୍ୟାଗ, ତିତିକ୍ଷା ସେ ପ୍ରତିଭୂ ଅଟନ୍ତି । ସମସ୍ତ ଐଶ୍ୱର୍ଯ୍ୟ ଭିତରେ ଥାଇ ମଧ୍ୟ ସେ ଅତ୍ୟନ୍ତ ଅସଙ୍ଗ ନିସଙ୍ଗ । ପିତା, ପୁତ୍ର, ପରିବାର ବନ୍ଧୁ ପରିଜନ ସେ ସବୁ କାହାର ନୁହଁନ୍ତି । ତାଙ୍କର ପ୍ରିୟ ଅପ୍ରିୟ ପାଖରେ ନାହିଁ, ସମସ୍ତେ ନିଜର । ସେ କେବଳ ନିରଭିମାନ ନିରହଂକାରୀ ସତ୍ୟନିଷ୍ଠ ସମର୍ପିତ ଭକ୍ତର । ଗୋ ବ୍ରାହ୍ମଣ ହିତ ପାଇଁ ସାଧୁ ସନ୍ଥଙ୍କ ସୁରକ୍ଷା ପାଇଁ ଦୁଷ୍ଟ ନିବାରଣ ପାଇଁ, ଧର୍ମ ପ୍ରତିଷ୍ଠା ପାଇଁ ତାଙ୍କର ଅବତାର । ଯିଏ ଯେପରି ଡାକିଛି ସେ ସେପରି ତାଙ୍କର ସହାୟତା ଦେଇଛନ୍ତି । ସେ ଅଚ୍ୟୁତ ଅନନ୍ତ ହେଲେ ମଧ୍ୟ ଭାବଗ୍ରାହୀ ଭାବେ ସମସ୍ତଙ୍କ ଅନ୍ତରବାସୀ ଭକ୍ତ ବତ୍ସଳ ।

ଶ୍ରୀମଦ୍ ଭଗବତ ଗୀତା ଶ୍ରୀକୃଷ୍ଣଙ୍କର ସାରା ମାନବ ସମାଜ ପାଇଁ ଅମୂଲ୍ୟ ସମ୍ପଦ । ବିଶ୍ୱ ପାଇଁ ଅତୁଳନୀୟ ଅନୁଦାନ । ଏହା ତାଙ୍କର ମୁଖ ନିସୃତ ବାଣୀ । ସେଥିରେ ସେ ଘୋଷଣା କରିଛନ୍ତି – ମୋର ଜନ୍ମ କର୍ମ ଦିବ୍ୟ । ଯିଏ ମୋତେ ତତ୍ତ୍ୱତଃ ଜାଣେ ସେ ମୋତେ ପ୍ରାପ୍ତ ହୁଏ । ଶ୍ରୀକୃଷ୍ଣ ସର୍ବ ରହସ୍ୟର ଆଗାର । ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ । ଜଣେ କୃଷ୍ଣଙ୍କୁ ବୁଝିଲେ କୃଷ୍ଣ ହୋଇଯିବ ଅନ୍ୟ ଅର୍ଥରେ କହିଲେ କୃଷ୍ଣ ହେଲେ କୃଷ୍ଣ ବୁଝି ହେବ । ଜନ୍ମାଷ୍ଟମୀରେ ସ୍ୱୟଂ ପରମାତ୍ମା ସାକାର ରୂପରେ ଅବତୀର୍ଣ୍ଣ ହୋଇ ସାରା ସୃଷ୍ଟିର ପରମ କଲ୍ୟାଣ ସାଧନ କରିଛନ୍ତି । ଆନନ୍ଦ ବର୍ଦ୍ଧନ କରିଛନ୍ତି, ସମସ୍ତଙ୍କୁ ଦିବ୍ୟ ଆନନ୍ଦରେ ଆକର୍ଷିତ କରିଛନ୍ତି । ସେ କହିଛନ୍ତି ସାରା ସୃଷ୍ଟି ମୋର ସ୍ୱରୂପ । ମୋର ପରମ ଦିବ୍ୟ ସଚ୍ଚିଦାନନ୍ଦ ଘନ ସ୍ୱରୂପରେ ପ୍ରତିଷ୍ଠିତ ହେବା ପ୍ରତ୍ୟେକ ଜୀବର ପରମ କର୍ତ୍ତବ୍ୟ ଅଟେ । ବାସୁଦେବ ସର୍ବମ୍ । ଆସ କୃଷ୍ଣଙ୍କୁ ବୁଝି କୃଷ୍ଣ ହୋଇ ଯିବା । କୃଷ୍ଣ ହେଲେ ଯାଇ କୃଷ୍ଣଙ୍କୁ ବୁଝିପାରିବା । ସକଳ ଦୁଃଖ, ଶୋକ ମଧ୍ୟରେ ଆନନ୍ଦର ଅନୁଭବ ପାଇଁ, ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ଏ ଧରା ଧାମରେ ଅବତାର ଗ୍ରହଣ । ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଅଧରର ମଧୁର ହସ ଲିଭି ନାହିଁ । ଏ ହେଉଛନ୍ତି କୃଷ୍ଣ, ବିରଳ ବ୍ୟକ୍ତିତ୍ୱ, କେବଳ ଆଉ ଜଣେ କୃଷ୍ଣ ତାହା ଅନୁଭବ କରିପାରିବ । ପବିତ୍ର ଜନ୍ମାଷ୍ଟମୀରେ ଏହା ଅନୁଚିନ୍ତା ହେଉ । କୃଷ୍ଣ ଚେତନାରେ ଆମେ ହଜିଯାଉ, ମଜିଯାଉ, କେବଳ ଆଉ ସ୍ୱୟଂ କୃଷ୍ଣ ହୋଇଯାଉ । ଏକାକାର ହୋଇଯାଉ । ଜୟ ଶ୍ରୀକୃଷ୍ଣ ।

*ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି,*
*ସେକ୍ଟର-୧୦, ସିଡିଏ, କଟକ,*
*ଦୂରଭାଷ : ୮୭୬୩୧୦୭୧୨୬*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜୀବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲ୍ପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।







## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିଦ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ ! ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି ! ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

# ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଲନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

# ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ସାର୍ ଦୋରାବଜୀ ଟାଟାଙ୍କ ୧୬୫ତମ ଜୟନ୍ତୀ ପାଳିତ



ଦାନଗଦି, (ପି ଏ ନ) : ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଯାଜପୁର ଜିଲ୍ଲା ଡୁବୁରିସ୍ଥିତ ପ୍ଲାଣ୍ଟରେ ମଙ୍ଗଳବାର ସାର୍ ଦୋରାବଜୀ ଟାଟାଙ୍କ ୧୬୫ତମ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି । ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ) ସେଣ୍ଟରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହରେ ଟିଏସକେର, ଇଲେକଟ୍ରିକାଲ ମେଣ୍ଟେନାନ୍ସ ମୁଖ୍ୟ, ଅଜିତ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ କଳିଙ୍ଗନଗର ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ଦାମୋଦର ସୋଏ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀ, ସଂଘ ପ୍ରତିନିଧି ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍), ଫେରୋ ଆଲଏଜ୍ ପ୍ଲାଣ୍ଟ ବ୍ରହ୍ମଣୀପାଳ ଓ ଫେରୋ ଆଲଏଜ୍ ପ୍ଲାଣ୍ଟ ଯାଜପୁରରେ ମଧ୍ୟ ଶ୍ରଦ୍ଧାଞ୍ଜଳି ସମାରୋହରେ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଞ୍ଜଳି ସମାରୋହରେ ପରେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ସୁକିନ୍ଦା ବ୍ଲକ ମଙ୍ଗଳପୁର ସ୍ଥିତ ଟସର ହୋଷ୍ଟ ପ୍ଲାଣ୍ଟ ପ୍ୟାଚ୍‌ରେ ଗଛ ଶାଖା କ୍ଲିପିଂ କାର୍ଯ୍ୟକଳାପ ଉପରେ ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୫୦ ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଟସର ଗଛ (ଅସନ ଓ ଅର୍ଜୁନ) ଡାଳ କାଟିବା ପ୍ରକ୍ରିୟା ଦ୍ୱାରା ଗଛଗୁଡିକୁ ଭଲ ଭାବରେ ବଢିବା ସହିତ ଶାଖା ଅଭିବୃଦ୍ଧିରେ ଉନ୍ନତି ଅଣାଯାଇଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାର୍ ଦୋରାବଜୀ ଟାଟା, ଟାଟା ଷ୍ଟିଲର ପ୍ରଥମ ଅଧ୍ୟକ୍ଷ ଥିଲେ । ସେ ପ୍ରଥମେ ୮ ଘଣ୍ଟିଆ କର୍ମ ସମୟ, ମାତୃତ୍ୱ ଛୁଟି, ଭବିଷ୍ୟନିଧି ପାଣ୍ଠି, ଦୁର୍ଘଟଣା କ୍ଷତିପୂରଣ, ମାଗଣା ଚିକିତ୍ସା ସହାୟତା ଏବଂ ଅନେକ କର୍ମଚାରୀ ସୁବିଧାଗୁଡିକ ଆଇନଗତ ଦାୟିତ୍ୱରେ ପରିଣତ ହେବା ପୂର୍ବରୁ ସେ ଆରମ୍ଭ କରିଥିଲେ । ସାର୍ ଦୋରାବ କ୍ରୀଡା ପ୍ରତି ଖୁବ୍ ଉତ୍ସାହୀ ଥିଲେ । ସେ ଭାରତୀୟ ଅଲିମ୍ପିକ୍ସ ସଂଘର ପ୍ରଥମ ସଭାପତି ଥିଲେ ଏବଂ ଅଲିମ୍ପିକ୍ସରେ ଭାରତର ପ୍ରବେଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ମହାନ ଦୂରଦର୍ଶୀଙ୍କ ପରମ୍ପରା ଭବିଷ୍ୟତରେ ଅନେକ ପି?ିର ବ୍ୟବସାୟୀ ଓ ଉଦ୍‌ଯୋଗୀଙ୍କୁ ପ୍ରେରଣା ଯୋଗାଇବ । ଟାଟା ଷ୍ଟିଲ ଏହି ସାର୍ ଦୋରାବଙ୍କ ସାହସ ଏବଂ ଦୃଢ଼ ବିଶ୍ୱାସକୁ ସଲାମ କରୁଛି ଏବଂ ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ କାର୍ଯ୍ୟ ଜାରି ରଖିବ । ଏହି ଦୂରଦର୍ଶୀଙ୍କ ପରମ୍ପରା ଭବିଷ୍ୟତ ପିଢ଼ିର ବ୍ୟବସାୟୀ ଓ ଉଦ୍‌ଯୋଗୀଙ୍କୁ ପ୍ରେରଣା ଯୋଗାଇବ । ଟାଟା ଷ୍ଟିଲ ତାଙ୍କ ସାହସ ଏବଂ ସଂକଳ୍ପକୁ ସମ୍ମାନ ଦେଇ ଏକ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ।

# ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ର ପୋଡି ପାଉଁଶ ହୋଇଯାଇଛି । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ ! ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା । ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି । ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

# ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଜ୍ଜ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କତି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ।ସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧ୍ୟାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲିପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୂବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'।ଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Wednesday August 28 2024 ଭୁବନେଶ୍ୱର ବୁଧବାର, ଅଗଷ୍ଟ ୨୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ଗଜପତିରେ ଅବକାରୀ ବିଭାଗ ନିଷ୍କ୍ରିୟ : ବେଆଇନ ମଦ ବିକ୍ରିକୁ ବିରୋଧ କରି ୨୦ ହଜାର ଟଙ୍କାର ମଦବୋତଲ ଭାଙ୍ଗିଲେ ମହିଳା



ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲାରେ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ଭାବେ ନିଷ୍କ୍ରିୟ ହୋଇପଡିଛି ।ସମଗ୍ର ଜିଲ୍ଲାରେ ଅନେକ ସ୍ଥାନରେ ଦେଶୀ ମଦ ଭାଟି ଦ୍ୱାରା ଚୋରାରେ ଦେଶୀ ମଦ ପ୍ରସ୍ତୁତ କରି ପାରଳାଖେମୁଣ୍ଡି ସହର ସମେତ ଗଜପତି ଜିଲ୍ଲାର ଗୁମ୍ମା, କାଶୀନଗର, ଗୋଷଣୀ, ରାୟଗଡ, ନୂଆଗଡ, ଆର. ଉଦୟଗିରି ଓ ମୋହନା ବ୍ଲକର ଶତାଧିକ ସ୍ଥାନରେ ଚୋରା ଦେଶୀ ମଦ ବିକ୍ରୟ ଚାଲିଛି. ଏଥିସହ ଜିଲ୍ଲାର ଅନେକ ସ୍ଥାନରେ ନକଲି ବିଦେଶୀ ମଦକୁ ମଧ ଚୋରା କାଉଣ୍ଟର ଦ୍ୱାରା ବିକ୍ରି ଚାଲିଛି. ଗଜପତି ଜିଲ୍ଲାର ମୋହନା ବ୍ଲକରେ ମହିଳାମାନେ ଚୋରା ବିଦେଶୀ ଓ ଦେଶୀ ମଦ ବିକ୍ରି ଯୋଗୁଁ ଶାନ୍ତି ଶୃଙ୍ଖଳା ଭଙ୍ଗ ହେବା ସହ ପରିବାରରେ ଅଶାନ୍ତି ଏବଂ ନକଲି ଓ ବିଷାକ୍ତ ମଦ ପାନ କରି ଅଳ୍ପ ବୟସରେ ଲୋକଙ୍କୁ ମୃତ୍ୟୁ ହେଉଥିବା ନେଇ ଏଭଳି ନକଲି ଚୋରା ମଦ କାରବାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ବାରମ୍ବାର ତାଗିଦ କରିଥିଲେ। ହେଲେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ବ୍ୟବସାୟୀ ନାଲି ଆଖି ଦେଖାଇବା ସହ ମହିଳାମାନଙ୍କୁ ପରୋକ୍ଷରେ ଧମକ ଦେବା ଘଟଣା ନେଇ ସମସ୍ତ ମହିଳା ଏକତ୍ରିତ ହୋଇ ସମ୍ପୃକ୍ତ ଚୋରା ମଦ ବ୍ୟବସାୟୀଙ୍କୁ ଚଢ଼ାଉ କରିଥିଲେ. ଏଥିରେ ମହିଳାମାନେ ମଦ ବ୍ୟବସାୟଙ୍କ ବେଆଇନ ଭାବେ ଗଛିତ ଥିବା ୨୦ ହଜାର ଟଙ୍କାରୁ ଉର୍ଦ୍ଧ ବିଦେଶୀ ମଦ ବୋତଲ ଭାଙ୍ଗିବା ସହ ଦେଶୀ ମଦକୁ ମଧ ନଷ୍ଟ କରିଥିବା ଜଣାଯାଇଛ। ଘଟଣାରୁ ପ୍ରକାଶ, ମୋହନା ଥାନା ଅନ୍ତର୍ଗତ ବାଲିପଙ୍କର ଖାରିସାହି ଠାରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଜଣେ ବ୍ୟବସାୟୀଙ୍କୁ ସେହି ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଚଢ଼ାଉ କରିଛନ୍ତି । ମଦ ବେପାରୀ ପ୍ରଶାନ୍ତ ଗିରିଙ୍କୁ ବାଲିପଙ୍କ ଗ୍ରାମର ମହିଳାଗୋଷ୍ଠୀ ଏଥିରୁ ନିବୃତ୍ତ ହେବା ପାଇଁ ବହୁ ପୂର୍ବରୁ ତାଗିଦ କରିବା ସହ ଅବକାରୀ ବିଭାଗକୁ ମଧ ଜଣାଇଥିଲେ ।ହେଲେ ଅବକାରୀ ବିଭାଗ କୌଣସି ପଦକ୍ଷେପ ନ ନେବା ଯୋଗୁଁ ପ୍ରଶାନ୍ତ ବେଫିକର ଭାବେ ଉଭୟ ମଦ ବିକ୍ରି କରୁଥିଲେ । ଏହାର ପ୍ରତିବାଦରେ ଗ୍ରାମର ମହିଳା ମାନେ ଏକତ୍ରିତ ହୋଇ ବୈଠକ କରିଥିଲେ । ସୋମବାର ସନ୍ଧ୍ୟାରେ ପ୍ରଶାନ୍ତଙ୍କ ନିକଟକୁ ଯାଇ ମଦ ବିକ୍ରି ନ କରିବା ପାଇଁ ପୁଣି ଅନୁରୋଧ କରିଥିଲେ । ହେଲେ ପ୍ରଶାନ୍ତ ମହିଳାମାନଙ୍କୁ ନାଲି ଆଖି ଦେଖାଇ 'ତୁମେମାନେ ମୋର କିଛି କରିପାରିବ ନାହିଁ ଏବଂ ଗୋଟିଏ ମଦବୋତଲ ମଧ୍ୟ ଫୋପାଡ଼ିବାକୁ ଦେବିନାହିଁ ବୋଲି କହି ଧମକଚମକ ଦେଇଥିଲେ । ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହେବାରୁ ଶତାଧିକ ମହିଳା ଉତକ୍ଷିପ୍ତ ହୋଇ ପ୍ରଶାନ୍ତ କରିଥିବା ମଦ ଅବାଧ ଦୋକାନରେ ଥିବା ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମଦ ବୋତଲ ସହ ଦେଶୀ ମଦ ଗୁଡିକୁ ରାସ୍ତା ଉପରେ ଆଣି ଫୋପାଡ଼ି ଭାଙ୍ଗି ଦେଇଥିଲେ । ମହିଳାମାନଙ୍କ ଉଗ୍ର ରୂପ ଦେଖି ପ୍ରଶାନ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ ଓ ପରେ ମହିଳାମାନେ ଅଡ଼ି ବସିବାରୁ ପୋଲିସ ଓ ଅବକାରି ବିଭାଗ ମିଳିତ ଭାବେ ଚୋରା ମଦ ବେପାରୀ ପ୍ରଶାନ୍ତକୁ ଖୋଜି ଆଣି ଗିରଫ କରିଥିଲେ। ମହିଳାମାନେ ସମ୍ପୃକ୍ତ ଘଟଣା ନେଇ କହିଛନ୍ତି ଅବକାରୀ ବିଭାଗକୁ ଘଟଣା ନେଇ ଜଣେଇବା ପରେ ମଧ କୌଣସି ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ? ଚୋରା ମଦ ବ୍ୟବସାୟକୁ ସାଥ ଦେଇ ଆସୁଥିଲେ। ଅବକାରୀ ବିଭାଗର ଏଭଳି କାର୍ଯ୍ୟ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ମହିଳାମାନେ ଦାବି କରିଛନ୍ତି।

## ଗ୍ୟାଙ୍ଗଷ୍ଟରଙ୍କ ସମ୍ପର୍କୀୟ ଓ ବଜରଙ୍ଗ ଦଳ ନେତାଙ୍କ ପୁଅ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଲନଗର ମାରୁତି ଛକରେ ଗ୍ୟାଙ୍ଗଷ୍ଟର ସୁଲେମାନର ପୁତୁରା ଓ ବଜରଙ୍ଗ ଦଳର ନେତା ବାବୁଲି ମହାରଣାଙ୍କ ପୁଅଙ୍କ ଗୋଷ୍ଠୀ ଭିତରେ ରବିବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟଣାରେ ପୋଲିସ ଉଭୟ ପକ୍ଷରୁ ଦୁଇଟି ଅଭିଯୋଗ ଗ୍ରହଣ କରି ଦୁଇଟି ପୃଥକ ପୃଥକ ମାମଲା ୪୬୪/ ୨୦୨୪ ଓ ୪୬୫/୨୦୨୪ ଦାୟର କରିଛି। ଏଥିସହିତ ଉଭୟ ପକ୍ଷର ୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସୁଲେମାନ ପୁତୁରା ଗୋଷ୍ଠୀର ସୁମାନ ଖାନ୍‌ଙ୍କ ଅଭିଯୋଗକ୍ରମେ ବାବୁଲି ମହାରଣା ତାଙ୍କପୁତ୍ର ଅଂଶୁମାନ ମହାରଣା ଓ ଅନ୍ୟ ଜଣେ ନଟିଆ ମହାରଣାଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ବାବୁଲି ମହାରଣା ଗୋଷ୍ଠୀର ବଟକୃଷ୍ଣ ମହାରଣାଙ୍କ ଅଭିଯୋଗକ୍ରମେ ମାଲିକ ସୋନୁ, ମାଲିକ ସାହିଲ ଓ ସୁମାନ ଖାନ୍‌ଙ୍କ ନାମରେ ମାମଲା ରୁଜୁ ହୋଇଛି ବୋଲି ସଦର ଥାନାଧିକାରୀ ସରୋଜ ସାହୁଙ୍କ ଠାରୁ ସୂଚନା ମିଳିଛି। ଉଭୟ ପକ୍ଷ ମଧ୍ୟରେ ଯେପରି ଅଧିକ କିଛି ଗଣ୍ଡଗୋଳ ନ ଘଟେ ସେଥିପାଇଁ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ଗରାପୁର କାଳୀ ମନ୍ଦିର ଛକ, ଗରାପୁର ମୁସଲିମ ବସ୍ତି ଛକ ଓ ଗରାପୁର ହନୁମାନ ମନ୍ଦିର ଛକରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। କାରଣ ଏହି ଅଞ୍ଚଳରେ ଗ୍ୟାଙ୍ଗଷ୍ଟର ସୁଲେମାନ୍‌ର ପୁତୁରା ଗୋଷ୍ଠୀର ଯୁବକମାନେ ଆଡ୍ଡା କରିଥାନ୍ତି। ସେହିପରି ଗୁଲନଗର ଛକ, ତିନିମୁହାଣୀ ରାମ ମନ୍ଦିର ଛକ ଓ ମାରୁତି ଛକରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। କାରଣ ଏହି ଛକମାନଙ୍କରେ ବାବୁଲି ମହାରଣାଙ୍କ ପୁଅ ଗୋଷ୍ଠୀର ଯୁବକମାନେ ଆଡ୍ଡା କରିଥାନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ବାବୁଲି ମହାରଣାଙ୍କୁ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ସେଖ ମେହେତାବ ଦୁଇଥର ହତ୍ୟା ଉଦ୍ୟମ କରିଛନ୍ତି। ଥରେ ବାବୁଲି ମହାରଣାଙ୍କ ଦେହରେ ଗୁଳି ବାଜିଥିଲା। ହେଲେ ସେ କିଛିଦିନ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। ସେହିପରି ଆଉ ଥରେ ସେଖ ମେହେତାବ ବାବୁଲି ମହାରଣାଙ୍କ ଉପରକୁ ଗୁଳି କରିଥିଲେ। କିନ୍ତୁ ସେହି ସମୟରେ ବାବୁଲି ମହାରଣାଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ପାଲଟା ଗୁଳି ଚଳାଇବାରୁ ସେଖ ମେହେତାବ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ପୂର୍ବରୁ ବହୁବାର ବାବୁଲି ମହାରଣା ଗୋଷ୍ଠୀ ଓ ସଂଖ୍ୟାଲଘୁ ସଂପ୍ରଦାୟର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ତେଣୁ ସେହିଭଳି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେ ନେଇ କେନ୍ଦ୍ରାପଡ଼ା ସହର ଓ ଉପକଣ୍ଠରେ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରବିବାର ରାତିରେ ବାବୁଲି ମହାରଣାଙ୍କ ପୁଅ ଅଂଶୁମାନ ମହାରଣା ଗୋଷ୍ଠୀ ଓ ଗ୍ୟାଙ୍ଗଷ୍ଟର ସୁଲେମାନ୍ ପୁତୁରା ସୋନୁ ଗୋଷ୍ଠୀର ଯୁବକମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉଭୟ ପକ୍ଷର ୬ ଜଣ ଆହତ ହୋଇଥିଲେ।






## ୬୬୨ ବର୍ଗ କଲେଜ ଡିଇଓ ସଂଘର ବାର୍ଷିକ ଅଧିବେଶନ



ଭୁବନେଶ୍ୱର,(ପି.ଏନ): ୬୬୨ ବର୍ଗ କଲେଜ ଡିଇଓ ସଂଘର ବାର୍ଷିକ ସାଧାରଣ ଅଧିବେଶନ କିସ୍ ରୋଡ ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କମଳାକାନ୍ତ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ସମସ୍ତ ଜିଲ୍ଲାର କାର୍ଯ୍ୟରତ ଡିଇଓ ମାନେ ଯୋଗଦେଇ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ସମ୍ପାଦକ ଜ୍ୟୋତିର୍ମୟ ସ୍ୱାଇଁ କହିଥିଲେ ଦୀର୍ଘ୍ୟ ୧୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଡିଇଓ ମାନେ କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇ ସ୍ୱଳ୍ପ ପାରିଶ୍ରମିକରେ କାର୍ଯ୍ୟ କରିବା ସହିତ ରାଜ୍ୟ ସରକାରଙ୍କର କଲେଜକୁ ଆସୁଥିବା ସମସ୍ତ କାର୍ଯ୍ୟ ସୁଚାରୁରୂପେ କରିଆସୁଛନ୍ତି। ବିଗତ ସରକାରଙ୍କୁ ସଂଘ ତରଫରୁ ବହୁବାର ନିୟମିତକରଣ ଓ ଅନୁଦାନ ପାଇଁ ଦାବି କରାଯାଇଥିଲେ ମଧ ସରକାର କର୍ଣ୍ଣପାତ କରି ନଥିଲେ। ବର୍ତ୍ତମାନ ସରକାରର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସଂଘ ତରଫରୁ ସାକ୍ଷାତ କରାଯାଇ ସମସ୍ତ ଦାବି ପ୍ରଦାନ କରାଯିବା ସହିତ ସମାଧାନ କରାଯିବା କ୍ଷେତ୍ରରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଛି। ଯଦି ସରକାର ଏହାର ସମାଧାନ ନ କରନ୍ତି ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ଡାକରା ଦିଆଯିବ ବୋଲି କହିଥିଲେ। ସଭା ପ୍ରାରମ୍ଭରେ ଦୁର୍ଘଟଣାରେ ମୃତ ଡିଇଓ ସ୍ୱର୍ଗତ ଯୋଗେଶ୍ୱର ନାଏକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନିରବ ପ୍ରର୍ଥନା କରାଯାଇଥିଲା। କୋଷାଧ୍ୟକ୍ଷ ସୁଜିତ କୁମାର ସାହୁ ଆୟ ବ୍ୟୟର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କମିଟିର ସଭ୍ୟ ସୁବ୍ରତା ମହାପାତ୍ର, ରେଖାଶ୍ରୀ ଧଳ, ଏନ ଏମ ଦୋରା, ଅଲେଖ ପ୍ରସାଦ ଦାସ, ବିନୋଦ ବାରିକ, ଲିପୁନ ପ୍ରଧାନ, ଚନ୍ଦନ ଦାସ, ଅନୁସୂୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମତପ୍ରକାଶ କରିଥିଲେ। ଉପଦେଷ୍ଟା କମିଟିର ସଦସ୍ୟ ସୁରନ ସାମଲ ବୈଠକକୁ ପରିଚାଳନା କରିଥିଲାବେଳେ ଉପସଭାପତି ରାଜୀବ ଲୋଚନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବହୁ ଚର୍ଚ୍ଚିତ ବିବାଦୀୟ ଶିକ୍ଷକଙ୍କ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର,(ପି.ଏନ):କଳମପୁର ବ୍ଲକ ଅନ୍ତର୍ଗତ କଳମପୁର ଦୁର୍ଗାମାଧବ ହାଇସ୍କୁଲ ରେ ଗତବର୍ଷ ଜଣେ ଶିକ୍ଷକ ଛାତ୍ରଛାତ୍ରୀ ପ୍ରତି କରିଥିବା ଅଶୋଭନୀୟ ବ୍ୟବହାର ସାରା କଳାହାଣ୍ଡି ରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଠିକ ବର୍ଷକ ପରେ ଅନ୍ୟତ୍ର ବଦଳି କରାଯାଇଥିବା ସେହି ବିବାଦୀୟ ଶିକ୍ଷକ ଙ୍କୁ ପୁନଃ ସେହି ସ୍ଥାନରେ ସ୍ଥାନିତ କରାଯିବା ଶିକ୍ଷା ବିଭାଗ ର ଏଭଳି ପଦକ୍ଷେପ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଭିଭାବକ ଏବଂ ଅଞ୍ଚଳବାସୀ ତାଯୁବ ହୋଇ ପଡିଛନ୍ତି କ୍ଷ ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୩ ଅଗଷ୍ଟ ମାସରେ ସେହି ସମୟର ସ୍କୁଲ ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପଣ୍ଡା (ମୁଚୁ) ଙ୍କ ନାମରେ ସଂଗୀନ ଅଭିଯୋଗ ଗୁଡିକ ଆଣିଥିଲେ କ୍ଷ କହିଥିଲେ କି ଶିକ୍ଷକ ଶ୍ରୀ ପଣ୍ଡା କିଛି ବଡ଼ ବଡ଼ ଦଶମ ଶ୍ରେଣୀ ଛାତ୍ରୀ ମାନଙ୍କ ଉପରେ ଖରାପ ନଜର ରଖୁଥିଲେ । ଦେହ କୁ ନ ସୁହାଇଲା ଭଳି ଦେହରେ ହାତ ମାରୁଥିଲେ । ନିଶାଦ୍ରବ୍ୟ ସେବନ କରି ସ୍କୁଲ କୁ ଆସୁଥିଲେ କ୍ଷ ମନଇଛା ସ୍କୁଲ କୁ ଆସୁଥିଲେ ଏବଂ ଶ୍ରେଣୀ ରେ ପାଠ ପଢାଇବା ପରିବର୍ତ୍ତ ନିକଟକୁ ଡାକି କିଏ କେମିତି ସଜେଇ ହେଇଛି, କେମିତି ଦିଶୁଛି ବୋଲି ଅନେକ ଅଶୋଭନୀୟ କଥାସବୁ କହୁଥିଲେ କ୍ଷ ତାଙ୍କ ଏସବୁ ବ୍ୟବହାର ରେ ଛାତ୍ରୀମାନେ ଭୟଭୀତ ହେବାରେ ଲାଗିଲେ । ଭୟରେ କେତେ ଝିଅ ସ୍କୁଲ ଆସିବାକୁ ଡରିଗଲେ କ୍ଷ ଦିନୁଦିନ ଶିକ୍ଷକ ଙ୍କ ଏଭଳି ଅନୈତିକ କାର୍ଯ୍ୟକଳାପ ବଢିଚାଲିବାରୁ ଭୟଭୀତ ହୋଇ ଛାତ୍ରୀମାନେ ସ୍କୁଲ ପ୍ରଧାନ ଶିକ୍ଷକ ଅଶ୍ୱିନ କୁମାର ମୁଣ୍ଡ ଙ୍କୁ ଲିଖିତ ଅଭିଯୋଗ କଲେ କ୍ଷ ପ୍ରଧାନ ଶିକ୍ଷକ ଶ୍ରୀ ମୁଣ୍ଡ ଏହାକୁ ଆପୋଷ ସମାଧାନ କରିଦେଲେ ।ତେବେ ମଧ ପରିସ୍ଥିତି ସୁଧୁରିଲାନି କ୍ଷ ଅଭିଭାବକ ମାନେ ଏସବୁ ଜାଣିବା ପରେ ସ୍କୁଲ କୁ ଯାଇ ପ୍ରଧାନ ଶିକ୍ଷକ ଙ୍କୁ ପଦକ୍ଷେପ ନେବାକୁ ଦାବୀ କଲେ । ପରେ ଅଭିଭାବକ ଏବଂ ଛାତ୍ରୀମାନ କଳମପୁର ଥାନା କୁ ଯାଇ ଅଭିଯୋଗ କରିଥିଲେ କ୍ଷ ସେ ସମୟର ଆଇ. ଆଇ. ସି. ଜିତେନ୍ଦ୍ର କୁମାର ବିଶ୍ୱାଳ ମଧ ଏହାକୁ ହାଲୁକା ଭାବେ ନେଇ ଆପୋଷ ବୁଝାମଣା ହେବାକୁ କହି କେସ ପଞ୍ଜିକୃତ କଲେ ନାହିଁ କ୍ଷ ସେଠାରୁ ଅଭିଯୋଗ କାରୀ ମାନେ ନିରାଶରେ ଫେରି ଆସିଲେ କ୍ଷ ଅଭିଯୋଗ କୁ ନେଇ ବିଇଓ ମଧୁସ୍ମିତା ନାଏକ ମଧ ସ୍କୁଲ କୁ ଯାଇ ସମସ୍ତ ଙ୍କୁ ପଚ଼ରାଉଚ଼ରା କରିଥିଲେ । କିଛିଦିନ ପରେ ଭବାନୀପାଟଣା ରୁ ସି. ଡବ୍ଲୁ. ସି. ରୁ ଏକ ଟିମ ସ୍କୁଲ କୁ ଆସିଥିଲେ କ୍ଷ ଅଭିଯୋଗ କାରୀ ଛାତ୍ରୀ ମାନଙ୍କୁ ଜଣେ ପରେ ଜଣେ ଘଟଣା ସମ୍ପର୍କରେ ପଚ଼ାରିଥିଲେ କ୍ଷ ପରେ ସ୍କୁଲ ଶିକ୍ଷକ ମାନଙ୍କ ମତ ସଂଗ୍ରହ କଲେ କ୍ଷ ଅଭିଭାବକ ଏବଂ ଅଞ୍ଚଳର ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହ ଘଟଣା ସମ୍ପର୍କରେ ଆଲୋଚ଼ନା କରି ସମସ୍ତ ରେକର୍ଡ କରିଥିଲେ କ୍ଷ ଯେଉଁ ଝିଅ ଉପରେ ଶିକ୍ଷକ ଜଣକ ଅଧିକ ଖରାପ ନଜର ରଖୁଥିଲେ ଏବଂ ଭୟରେ ସେ ସ୍କୁଲ ଆସିବା ବନ୍ଦ କରିଦେଇଥିଲେ ସେହି ଗାଁ କୁ ଟିମ ଯାଇ ତାଙ୍କୁ ସାହସ ଦେଇ ବୁଝାସୁଝା ମଧ କରିଥିଲେ କ୍ଷ ପୁରା ଟିମ ନିଶ୍ଚିତ ଭାବେ ଆରୋପି ଶିକ୍ଷକ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସମସ୍ତ ଙ୍କ ସମୁଖରେ ଗଣମାଧମ ଠାରେ ମତ ବ୍ୟକ୍ତ କରିଥିଲେ କ୍ଷ ହେଲେ ପରବର୍ତ୍ତୀ ସମୟରେ କୌଣସି ଚ଼ାପ ର ବଶବର୍ତ୍ତୀ ହୋଇ ପୁରା ଟିମ ନରମ ପଡିଗଲେ ବୋଲି ସାଧାରଣରେ ଚ଼ର୍ଚ୍ଚା ହୋଇଥିଲା କ୍ଷ ସେହି ଶିକ୍ଷକ ଙ୍କ ରାଜନୈତିକ ସ୍ତରରେ ହାତ ବହୁତ ଲମ୍ବା ଏବଂ ଜଣେ ପ୍ରଭାବ ଶାଳୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିରୁଦ୍ଧରେ ଥିବା ସମସ୍ତ ଅଭିଯୋଗ ଫସର ଫାଟିଯିବ ବୋଲି ଆଗରୁ ସାଧାରଣରେ ହେଉଥିବା ଆଲୋଚ଼ନା ସତ୍ୟପାଦିତ ହୋଇଥିଲା କ୍ଷ ଶିକ୍ଷା ବିଭାଗ ପକ୍ଷରୁ ବିବାଦୀୟ ଶିକ୍ଷକ ଙ୍କୁ ଅନ୍ୟତ୍ର ବଦଳି କରିଦିଆଗଲା କ୍ଷ ବର୍ତ୍ତମାନ ୪/ ୫ ଦିନ ହେବ ସେହି ବିବାଦୀୟ ବିଜ୍ଞାନ ଶିକ୍ଷକ ଶ୍ରୀ ପଣ୍ଡା ଙ୍କୁ ସ୍କୁଲ ରେ ପୁଣି ସ୍ଥିନୀତ କରାଯିବା ସମସ୍ତ ଙ୍କୁ ତାଯୁବ କରିଦେଇଛି କ୍ଷ ଶିକ୍ଷା ବିଭାଗ ର ଏଭଳି ନୀତି କୁ ଅଞ୍ଚଳବାସୀ ଦୃଢ଼ ନିନ୍ଦା କରିଛନ୍ତି । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଙ୍କୁ ପଚ଼ାରିବାରୁ ଶିକ୍ଷକ ଶ୍ରୀ ପଣ୍ଡା ଡେପୁଟେସନ ରେ ଥିଲେ, ତାଙ୍କ ଉପରେ ହୋଇଥିବା ଅଭିଯୋଗ ଉପରେ ଜିଲ୍ଲା ସି. ଡବ୍ଲୁ. ସି. ତଦନ୍ତ କରି କ୍ଲିନ ଚ଼ିଟ ଦେଇଥିଲେ, କଳମପୁର ଅଞ୍ଚଳରୁ କିଛି ଲୋକ ମଧ ଅଭିଯୋଗ ଭିତ୍ତିହୀନ ଥିଲା ବୋଲି କହିବାରୁ ଆମ୍ଭେ ତାଙ୍କୁ ପୁଣି ନିୟୋଜିତ କରିଛୁ କ୍ଷ ଯଦି ଏଭଳି ଘଟଣା ପୁନରାବୃତ୍ତି ହେଲେ ତାଙ୍କୁ ବାଧ ହୋଇ ସସ୍ପ?ଣ୍ଡ କରି ବସେଇଦେବୁ ବୋଲି କହିଥିଲେ କ୍ଷ ହେଲେ ସି. ଡବ୍ଲୁ. ସି. ଙ୍କ କ୍ଲିନ ଚ଼ିଟ ଦେବା ଭଳି ମତ ଉପରେ ମଧ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି ।କରିତକରମା ଏହି ଶିକ୍ଷକ ଙ୍କ ଅଭ୍ୟାସଗତ ଆଚ଼ରଣ ଯୋଗୁଁ ବିଗତ ଦିନରେ କେତେ ମହିଳା ଓ ଛାତ୍ରୀ ଙ୍କ ଭବିଷ୍ୟତ ନଷ୍ଟ ହୋଇ ସାରିଥିବା ଅଭିଯୋଗ ଅଞ୍ଚଳରେ ସର୍ବଦା ଶୀର୍ଷରେ ରହିଆସିଥିବା ବେଳେ ଏବେ ଏହି ଶିକ୍ଷାନୁଷ୍ଠାନ ବଦନାମ ଗଳି ର ଶିକାର ହେବା ଆଶଙ୍କା ଦେଉଛି କ୍ଷ ଆଗାମୀ ଦିନରେ ଶିକ୍ଷକଙ୍କ ବିରୁଦ୍ଧରେ କୁହୁଳୁଥିବା ରୋଷର ନିଆଁ ରୁ ଅଗ୍ନି ଉଦ୍ଗିରଣ ହେବାର ସମ୍ଭାବନା କୁ ଏଡେଇ ଦିଆଯାଇ ନ ପରେ ବୋଲି ଶିକ୍ଷପ୍ରେମୀ ମହଲରେ ମତ ପ୍ରକାଶ ପାଇଥିବା ବେଳେ କିଛି ଅଘଟଣ ପୂର୍ବରୁ ଜିଲ୍ଲା ପ୍ରଶାସନ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ଏବଂ ଅଞ୍ଚଳବାସୀ ଙ୍କ ମହଲରେ ମତ ପ୍ରକାଶ ପାଇଛି ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray